## ଆଜି କ'ଣ କେଉଁଠି

ଭୁବନେଶ୍ୱର

- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଐତିହାସିକ କେଦାରନାଥ ମହାପାତ୍ରଙ୍କ ଜୟନ୍ତୀ ପାଳନ, ପ୍ରତିଷ୍ଠାନ ସଭାଗୃହ, କେଦାରଗୌରୀ ମାର୍ଗ, ଅପରାହ୍ନ ୫ଟା।
- ଆଜାଦ ହିନ୍ଦ ଫୌଜ ସ୍ଥାପନା ଦିବସ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିରରେ କୁମାର ପୂର୍ଣ୍ଣିମା

**ପୁରୁଣା ଭୁବନେଶ୍ୱର,୨୦।୧୦(ଡି.ଏନ୍.ଏ.):** କୁମାର ପୂର୍ଣ୍ଣିମା ଅବସରରେ ବୁଧବାର ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ପୂଜା ପାଉଥିବା ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ନିକଟରେ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଛି। ପ୍ରାତଃରୁ ମନ୍ଦିର ଖୋଲାଯାଇ ଆଳତି ଅବକାଶ କରାଯାଇଥିଲା। ଏହାପରେ ରୋଷ ହୋମ କରାଯାଇ ଛାମୁ ପରିଷ୍କାର ମହାସ୍ନାନ ଦିଆଯାଇ ଶ୍ରୀଜୀଉଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ରାତିରେ ଶ୍ରୀଲିଙ୍ଗରାଜ ଭୁବନେଶ୍ୱରୀ ଠାକୁରାଣୀଙ୍କ ସନ୍ଧ୍ୟାଧୂପ ସରିବା ପରେ ମନ୍ଦିର ବେଢ଼ା ଭିତରେ ଥିବା ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ନିକଟରେ ପତ୍ରି ସେବକ ପୂଜା ନୀତି କରିଥିଲେ। ପରେ ମନ୍ଦିର ପ୍ରଶାସନ ପକ୍ଷରୁ ୨ହାଣ୍ଡି ଖଇକୁ ଉକ୍ତ ଦିନର ପାଳିଆ ପୂଜା ପଣ୍ଡା ସେବକ ଷୋଡ଼ଶ ଉପଚାରରେ ଭୋଗ ନୈବେଦ୍ୟ କରିସାରିବା ପରେ ଆଳତି ହୋଇଥିଲା। ଏହିଭଳି କାର୍ତ୍ତିକେଶ୍ୱରଙ୍କ ନିକଟରେ ଅନ୍ୟ ନୀତିକାନ୍ତି ହୋଇ କୁମାର ପୂର୍ଣ୍ଣିମା ନୀତି ସମ୍ପାଦନ କରାଯାଇ ସବୁ ନୀତିକାନ୍ତି ସରିବା ପରେ ପହୁଡ଼ ପଡ଼ିଥିଲା।

### ଭୁବନେଶ୍ୱରରେ ସାରଙ୍ଗଧରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ):** ସ୍ୱାଧୀନତା ସଂଗ୍ରାମୀ, ପ୍ରଜା ଆନ୍ଦୋଳନର ଜନନାୟକ ତଥା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ପ୍ରତିମୂର୍ତ୍ତି ଭୁବନେଶ୍ୱରରେ ସ୍ଥାପନ ସହ ତାଙ୍କ ନାମରେ ଏକ ଛକ ଓ ରାସ୍ତାର ନାମକରଣ କରାଯାଉ। ଢେଙ୍କାନାଳ ସାଂସ୍କୃତିକ ପରିଷଦ, ସାରଙ୍ଗଧର ଦାସ ଫାଉଣ୍ଡେସନ ଓ ଢେଙ୍କାନାଳ ବିକାଶ ପରିଷଦ ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଏନେଇ ମତପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ପୂର୍ବତନ ଜିଲାପାଳ ସନାତନ ମଲ୍ଲିକ ଯୋଗଦେଇ ସାରଙ୍ଗଧରଙ୍କ ସାହିତ୍ୟକୃତି 'ଲଣ୍ଡା ଦେହୁରୀର ଚିଠି' ଏବଂ ଅନ୍ୟାନ୍ୟ ଲେଖା ସହ ଓଡ଼ିଶାର ଗଡ଼ଜାତ ପ୍ରଦେଶର ପର୍ଯ୍ୟବେକ୍ଷଣ ରିପୋର୍ଟକୁ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରୟାସ ହେବା ଦରକାର ବୋଲି କହିଥିଲେ। ପୂର୍ବତନ ବିଚାରପତି ବସନ୍ତ ପଢ଼ିହାରୀ, ଡ. ମହେଶ ପ୍ରସାଦ ରାଉତ, ମନୋଜ କୁମାର ଜେନା, ସାରଙ୍ଗଧର ଦାସ ଫାଉଣ୍ଡେଶନ ସଭାପତି କୃଷ୍ଣଚନ୍ଦ୍ର ଆଇଚ, ମ୍ୟାନେଜିଂ ଟ୍ରଷ୍ଟି ତଥା ଢେଙ୍କାନାଳ ସାଂସ୍କୃତିକ ପରିଷଦ କାର୍ଯ୍ୟକାରୀ ସଭାପତି ରାଜ ନାରାୟଣ ତ୍ରିପାଠୀ, ପରିଷଦ ସଭାପତି ସୈରେନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ବିଶ୍ୱାଳ ପ୍ରମୁଖ ସାରଙ୍ଗଧରଙ୍କ ସ୍ମୃତିଚାରଣ କରିଥିଲେ।

# ଖାଁ ଖାଁ ବିନ୍ଦୁସାଗର, ଧର୍ମଶାଳାରେ ତାଳା



ପୁରୁଣାଭୁବନେଶ୍ୱରସ୍ଥିତ ଏକ ଧର୍ମଶାଳା ବନ୍ଦ ରହିଛି।

### ଧର୍ମମାସ କାର୍ତ୍ତିକ ଆରମ୍ଭ

ଭୁବନେଶ୍ୱର, ୨୦।୧୦ (ବ୍ୟୁରୋ)

ଆରମ୍ଭ ହୋଇଛି ଧର୍ମମାସ କାର୍ତ୍ତିକ। ହବିଷ, ବ୍ରତ କରି ପ୍ରଭୁଙ୍କ ପାଖରେ ଭକ୍ତି ନୈବେଦ୍ୟ ଅର୍ପଣ ପୂର୍ବକ ପୂଣ୍ୟ ଅର୍ଜନ କରିବାକୁ ବର୍ଷସାରା ଶ୍ରଦ୍ଧାଳୁମାନେ ଏହି ମାସକୁ ଅପେକ୍ଷା କରିଥାନ୍ତି। ମାତ୍ର ଗତବର୍ଷ ଭଳି ଏବର୍ଷ ମଧ୍ୟ କରୋନା ମହାମାରୀ ବାଧକ ସାଜିଛି। କଟକଣା ପାଇଁ ହବିଷିଆଳିମାନେ ଏକାଠି ହୋଇ ପାରିବେ ନାହିଁ କି, ମନ୍ଦିର, ମଠରେ ପୂଜାର୍ଚ୍ଚନା କରି ପାରିବେ ନାହିଁ। ପ୍ରତିବର୍ଷ ଶ୍ରୀକ୍ଷେତ୍ର ଭଳି ଏକାମ୍ର କ୍ଷେତ୍ରରେ ମଧ୍ୟ ହବିଷିଆଳିଙ୍କ ସମାଗମ ହୋଇଥାଏ। ବିଭିନ୍ନ ଜିଲାରୁ ହବିଷିଆଳିମାନେ ରାଜଧାନୀକୁ ଧାଇଁ ଆସିଥାନ୍ତି। ଏଥିପାଇଁ ପୁରୁଣା ଭୁବନେଶ୍ୱରରେ ଥିବା ଧର୍ମଶାଳାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଏ। ମଠ ମନ୍ଦିରଠାରୁ ଆରମ୍ଭ କରି ବିନ୍ଦୁସାଗର କୂଳ ବି ଉତ୍ସବମୁଖରିତ ହୋଇପଡେ। ହେଲେ ବିଏମ୍‌ସି କଟକଣା ଲଗାଇଥିବାରୁ ଧର୍ମଶାଳାଗୁଡିକରେ ତାଲା ଝୁଲୁଛି। ଏକାମ୍ର କ୍ଷେତ୍ର ଖାଁ ଖାଁ ହୋଇଥିବାବେଳେ ଧର୍ମଶାଳା, ବିନ୍ଦୁସାଗର କୂଳରେ ବୃନ୍ଦାବତୀ ପୂଜା, ବିଷ୍ଣୁ ପୂଜା, ପୁରାଣ ପଢା ଏବଂ ହବିଷିଆଳିଙ୍କ ମିଳିତ କଣ୍ଠରୁ ରାଇଦାମୋଦର ଗୀତ କିଛି ବି ଶୁଣିବାକୁ ମିଳିବ ନାହିଁ। ସେହିପରି ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ନଗର କୀର୍ତ୍ତନରେ ବାହାରି ବିଭିନ୍ନ ଦେବାଦେବୀ ମନ୍ଦିର ପରିକ୍ରମା କରିବାର ସ୍ୱତନ୍ତ୍ର ପରମ୍ପରାରେ ମଧ୍ୟ ବ୍ୟତିକ୍ରମ ଦେଖାଦେବ।

### ହବିଷିଆଳିଙ୍କୁ ମିଳିବ ବରାଦୀ ଅବଢ଼ା

କରୋନା କଟକଣା ମଧ୍ୟରେ ଶ୍ରୀଅନନ୍ତ ବାସୁଦେବ ମନ୍ଦିରରେ ହବିଷିଆଳିଙ୍କୁ ବରାଦିଆ ଅବଢ଼ା ଯୋଗାଇଦେବାକୁ ଶ୍ରୀଲିଙ୍ଗରାଜଙ୍କ ବ୍ରାହ୍ମଣ ନିଯୋଗ ସେବାୟତ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ବ୍ରାହ୍ମଣ ନିଯୋଗର ସମ୍ପାଦକ ବିରଞ୍ଚି ପତି କହିଛନ୍ତି, ମାସ ସାରା ଅବଢ଼ା ନେବାକୁ ଚାହୁଁଥିବା ହବିଷିଆଳିଙ୍କ ପାଇଁ ହୋମ୍ ଡେଲିଭରି ସୁବିଧା ଉପଲବ୍ଧ ହେବ। ଏଥିରେ ଅନ୍ନ, ଡାଲି, ବେସର, ଖଟା, ଶାଗ ରହିବ। ତେବେ ମାସକ ପାଇଁ ଅତି କମ୍‌ରେ ୪ହଜାର ଟଙ୍କା ଦେବାକୁ ପଡିବ। ଏହି ସୁବିଧା କେବଳ ଭୁବନେଶ୍ୱର ମଧ୍ୟରେ ଉପଲବ୍ଧ ହେବ। ତେବେ ଏଥିପାଇଁ ଅତିରିକ୍ତ ଦେୟ ରହିଛି। ଅନ୍ୟପଟେ ମନ୍ଦିର ନିକଟକୁ ଆସି ମଧ୍ୟ ହବିଷିଆଳି ଅବଢ଼ା ନେଇ ପାରିବେ ଓ ଏଥିପାଇଁ ଟୋକନ ନେବାକୁ ପଡ଼ିବ। ହବିଷିଆଳିଙ୍କ ବରାଦକ୍ରମେ ଅବଢ଼ା ଓ ହବିଷ ଡ଼ାଲମା ଯୋଗାଇ ଦିଆଯିବ। ଯେଉଁ ମହାସୁଆର ସେବାୟତମାନେ ବରାଦି ଅବଢ଼ା ଯୋଗାଇବେ ତାହାର ଏକ ତାଲିକା ନିଯୋଗ କାର୍ଯ୍ୟାଳୟରେ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ପତି କହିଛନ୍ତି।


ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀରେ ବୁଧବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ନିକଟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି।

# ଗୀତିନାଟ୍ୟ ପରମ୍ପରାକୁ ସମୃଦ୍ଧ କରିଥିଲେ ବୈଷ୍ଣବ ପାଣି

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

ଓଡ଼ିଆ ଯାତ୍ରା, ସୁଆଙ୍ଗ, ରାସ, ଗୀତିନାଟ୍ୟ ଓ ଲୋକନାଟ୍ୟ ଆନ୍ଦୋଳନର ଭୀଷ୍ମ ପିତାମହ ତଥା ସମାଜ ସଂସ୍କାରକ ଥିଲେ ଗଣକବି ବୈଷ୍ଣବ ପାଣି। ଦାରିଦ୍ର୍ୟ ଓ ପ୍ରତିକୂଳ ପରିବେଶ ସତ୍ତ୍ୱେ ସେ ପାଲା ଗାୟନ, ମଞ୍ଚ ନାଟକରେ ଅଭିନୟ ସହ ଗୀତିନାଟ୍ୟ ରଚନା କରି ତାହାକୁ ସମଗ୍ର ରାଜ୍ୟର କୋଣ ଅନୁକୋଣରେ ସମୃଦ୍ଧ କରିଥିଲେ। ତାଙ୍କ ନାଟକ ଓ ଅଭିନୟରେ ଜାତୀୟତାବାଦୀ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ଲୋକଙ୍କୁ ଉଦ୍‌ବୁଦ୍ଧ କରୁଥିଲା ବୋଲି ବୁଧବାର ୧୩୯ତମ ଜୟନ୍ତୀ ପାଳନ ଅବସରରେ ମତ ପ୍ରକାଶ ପାଇଛି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ

### କବି ନାରାୟଣ ମୁଦୁଲିଙ୍କୁ ଗଣକବି ସ୍ମୃତି ସମ୍ମାନ

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ନିକଟ ପ୍ରତିମୂର୍ତ୍ତିସ୍ଥଳୀରେ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ସଭାପତି ତଥା ପଞ୍ଚାୟତିରାଜ, ପାନୀୟ ଜଳଯୋଗାଣ, ଆଇନ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ, ବିଭାଗର ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା, ସଂସଦ ସମ୍ପାଦକ ଦେବ ଜେନା, ଉପସଭାପତି ରଜନୀକାନ୍ତ ପରିଡ଼ା, ସଂଯୋଜକ ଅବନୀ ଚନ୍ଦ୍ର ଦାସ, ସହସମ୍ପାଦକ ଦେବଜ୍ୟୋତି ଦାସ, ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ମିଶ୍ର, ଉପଦେଷ୍ଟା ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏହି ଅବସରରେ କବି ନାରାୟଣ ମୁଦୁଲିଙ୍କୁ 'ଗଣକବି ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ସଙ୍ଗୀତଜ୍ଞ ବଶିଷ୍ଠ ନାୟକ, ସ୍ୱାସ୍ଥ୍ୟକର୍ମୀ ସୁଭାଷ ଚନ୍ଦ୍ର ସାହୁ, ଗ୍ରନ୍ଥାଗାରିକ ରୁଦ୍ର ପ୍ରସାଦ ବେହେରାଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭିକାରୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ଗଣକବିଙ୍କ ଜୟନ୍ତୀ ଉପଲକ୍ଷେ ସମ୍ବାଦଭିତ୍ତିକ ପତ୍ରିକା ଦୂରଦର୍ଶୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

### ଆଇଆଇଟିର ସମାବର୍ତ୍ତନ ଉତ୍ସବ ପାଳିତ

ଜଟଣୀ,୨୦।୧୦(ଡି.ଏନ୍.ଏ.)

ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରର ୧୦ମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି କମ୍ୟୁନିଟି ହଲ ପରିସରରେ କରୋନା କଟକଣା ମଧ୍ୟରେ ଆୟୋଜିତ ଉତ୍ସବରେ ଇନ୍‌ଫୋସିସର ପ୍ରତିଷ୍ଠାତା ଏନ. ଆର. ନାରାୟଣ ମୂର୍ତ୍ତି ମୁଖ୍ୟଅତିଥି ଭାବେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଉତ୍ସବରେ ବିଭିନ୍ନ ବର୍ଗରେ ସଫଳତାର ସହ ଶିକ୍ଷା ସମାପ୍ତ କରିଥିବା ୫୫୯ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପଦକ ପ୍ରଦାନ କରାଯାଇଥିଲା। ଏମ. ଟେକ ରେ ୧୫୩ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ସମୟରେ ୩୫ ଜଣକୁ ପିଏଚ୍‌ଡି, ୭୯ଜଣଙ୍କୁ ଏମ୍‌ଏସସି, ୨୫୬ଜଣଙ୍କୁ ବିଟେକ ଏବଂ ୩୬ଜଣଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିଭଳି କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ଉଲ୍ଲେଖନୀୟ ସଫଳତା ପାଇଁ ଦିନେଶ ମହାନ୍ତିଙ୍କୁ ସର୍ଣ୍ଣପଦକ ପ୍ରଦାନ କରାଯାଇଛି। ଶିବମ ହୋଣ୍ଡା, ଶାଶ୍ୱତ ପଣ୍ଡା ଏବଂ ହିତେଶ ଗୁପ୍ତାଙ୍କୁ ଡିରେକଟର ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ନିର୍ଦ୍ଦେଶକ ଆର. ଭି. ରାଜକୁମାର, କୁଳସଚିବ ଦେବରାଜ ରଥଙ୍କ ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୁବ୍ରତ


@ ରାଜେଶ


@ ରବିନାରାୟଣ


@ କାର୍ତ୍ତିକ


@ ଶୀତଲ


@ ମିହିର


@ ବିଶ୍ୱଜିତ୍

# ସନ୍ଧ୍ୟାବତୀ ପ୍ରଧାନଙ୍କୁ 'କୁମାର ଶ୍ରୀ ସମ୍ମାନ'

ଭୁବନେଶ୍ୱର, ୨୦।୧୦ (ବ୍ୟୁରୋ)

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ୟୁଥ୍' ଏବଂ 'କଳିଙ୍ଗ ସଂସ୍କୃତି ଐତିହ୍ୟ ସୁରକ୍ଷା ମଞ୍ଚ' ପକ୍ଷରୁ ବୁଧବାର 'କୁମାର ଉତ୍ସବ-୨୦୨୧' ପାଳିତ ହୋଇଯାଇଛି। ୟୁନିଟ-୩ ବୁଦ୍ଧ ମନ୍ଦିରଠାରେ ଓଡିଶା ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ତଥା ୟୁଥର ଉପଦେଷ୍ଟା ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ସାମାଜିକ କର୍ମୀ ଡ଼. ଅରୁନ୍ଧତୀ ଦେବୀ ଯୋଗଦେଇ ଓଡିଶାର ପରମ୍ପରା ଓ କୁମାର ପୂର୍ଣ୍ଣମୀ ବିଶେଷତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନଙ୍କୁ 'କୁମାର ଶ୍ରୀ ସମ୍ମାନ', ଯୁବ ସାମାଜିକ କର୍ମୀ ସୋମ ଏବଂ ରଞ୍ଜନ ମହାପାତ୍ରଙ୍କୁ 'ୟୁଥ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଇଂ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। 'ୟୁଥ୍'ର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ ସମ୍ମାନ ସହ ସନ୍ଧ୍ୟାବତୀ ପ୍ରଧାନ ଓ ଅନ୍ୟମାନେ।

# ବଦଳି ଯାଉଛି କୁମାର ପୂର୍ଣ୍ଣିମା ପରମ୍ପରା



ରାଜଧାନୀର ଘରେ ଘରେ ବୁଧବାର କୁମାରୀ ଝିଅମାନେ କୁମାର ପୂର୍ଣ୍ଣିମା ପାଳନ କରିଛନ୍ତି। ଶରତ ପୂର୍ଣ୍ଣିମାରେ ମହାଦେବଙ୍କ ସୁପୁତ୍ର କାର୍ତ୍ତିକେୟ ଜନ୍ମ ନେଇଥିବାରୁ ଏହା ପରଦିନଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇଥାଏ। କାର୍ତ୍ତିକଙ୍କ ପରି ସୁନ୍ଦର ଓ ଗୁଣବାନ ଜୀବନସାଥୀ ପାଇବା ପାଇଁ ଏହି ବ୍ରତ ରଖାଯାଉଥିବା ବିଶ୍ୱାସ କରାଯାଏ। କୁମାର ପୂର୍ଣ୍ଣିମାରେ ପୁଚି ଖେଳଠାରୁ ଆରମ୍ଭ କରି ନାଚ ଗୀତ ହୋଇଥାଏ। ତେବେ ଆଧୁନିକତାର ଛାପ ପର୍ବପର୍ବାଣୀ ଉପରେ ମଧ୍ୟ ପଡିଛି। ସମୟ ସହ ତାଳଦେଇ ଏବେ ସେଥିରେ ପରିବର୍ତ୍ତନ ଆସିଛି। କୁଆଁର ପୁନେଇଁ ଜହ୍ନ ଲୋ...ଆଉ ଶୁଭୁ ନ ଥିବାବେଳେ ଆଗଭଳି ଆଉ ଘରେ ଘରେ ବା ସାହିରେ ପୁଚି କିମ୍ବା ତାସ୍ ଖେଳର ଆସର ଜମୁ ନ ଥିବା ଦେଖିବାକୁ ମିଳୁଛି।

### ଆଗଭଳି ଚମକ ନାହିଁ



କେବଳ କୁମାର ପୂର୍ଣ୍ଣିମା କାହିଁକି ଏବେ ସବୁ ପର୍ବପର୍ବାଣିରେ ଆଉ ଆଗଭଳି ଚମକ ନାହିଁ। ଆମବେଳେ କୁମାର ପୂର୍ଣ୍ଣିମା ପାଇଁ ୧ମାସ ଆଗରୁ ପ୍ରସ୍ତୁତ ହେଉଥିଲୁ। ଅଶ୍ୱିନ ମାସରେ ଜହ୍ନିଓଷାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀମାନେ ଆମିଷ, ଜହ୍ନି ଖାଉ ନ ଥିଲେ। ପ୍ରତିଦିନ ସକାଳୁ ଚଉରା ମୂଳରେ ପୂଜା କରୁଥିଲୁ। ପୂର୍ଣ୍ଣମୀ ଦିନ ପାହାନ୍ତିଆରୁ ଉଠି ଗାଧୋଇ ନୂଆ ଲୁଗାପଟା ପିନ୍ଧି ଚଉରାରେ ଆଞ୍ଜୁଳି ଟେକୁ। ପୁଣି ସନ୍ଧ୍ୟାରେ ଛେନା, ଗୁଡ, ଲିଆ ମିଶାଇ ଚାନ୍ଦ କରି ପୂଜା କରିବା ପରେ ପୁଚି ଖେଳୁଥିଲୁ। ତା' ସହିତ କୁଆଁର ପୁନେଇଁ ଜହ୍ନ ଲୋ ଏବଂ ଜହ୍ନକୁ ନେଇ ଅନ୍ୟାନ୍ୟ ଗୀତ ଗାଇ ନାଚୁଥିଲୁ।

**-ତିଲୋତ୍ତମା ସେଠୀ, ଗୃହିଣୀ**

### ପୁରୁଣା ରୀତିରେ ପାଳନ କଲି



ପୁରୁଣା ପରମ୍ପରାକୁ ବଞ୍ଚାଇ ରଖିବା ଆମର କର୍ତ୍ତବ୍ୟ। ତେଣୁ ଆମ ଘରେ ସବୁକିଛି ପୁରୁଣା ରୀତି ନୀତିରେ ପାଳନ ହୋଇଥାଏ। ଅନ୍ୟପର୍ବ ଅପେକ୍ଷା କୁମାର ପୂର୍ଣ୍ଣିମା ମୋତେ ବହୁତ ଭଲ ଲାଗେ। ସେଥିପାଇଁ ସକାଳୁ ଆଞ୍ଜୁଳି ଚାଉଳଠାରୁ ସନ୍ଧ୍ୟାରେ ଚାନ୍ଦ ପୂଜା ପର୍ଯ୍ୟନ୍ତ ସବୁକିଛି ଭକ୍ତିର ସହିତ କରିଥିଲି। ମୁଁ ଓ ସାଙ୍ଗମାନେ ପୁଚି ଖେଳି, ଗୀତ ଗାଇଲୁ।

**-ସୁଶ୍ରୀ ସଙ୍ଗୀତା, ଛାତ୍ରୀ**

### ପୁଚି ଖେଳ ମେରୁଦଣ୍ଡକୁ ଶକ୍ତ କରେ



ପରମ୍ପରା ଅନୁଯାୟୀ କୁମାର ପୂର୍ଣ୍ଣିମାରେ ମୁଖ୍ୟତଃ ଝିଅମାନେ ପୁଚି ଖେଳ ଓ ବୋହୂ ବୋହୂକା ଖେଳ ଖେଳନ୍ତି। ଯୌଗିକ ପଦ୍ଧତି ଅନୁଯାୟୀ ଏହାଦ୍ୱାରା ଶରୀରର ସମ୍ପୂର୍ଣ୍ଣ ବ୍ୟାୟାମ ହେବା ସହ ମେରୁଦଣ୍ଡ ଶକ୍ତ ହୋଇଥାଏ। ଏହି ଖେଳଗୁଡିକ ସ୍ତ୍ରୀ ରୋଗ ସମ୍ବନ୍ଧୀୟ ଅସୁବିଧାରୁ ମଧ୍ୟ ଦୂରେଇ ରଖିପାରେ ଯାହାକୁ ଆମେ ଯୋଗ ଦ୍ୱାରା ସକ୍ରିୟ କରି ପାରୁଛେ। ମାତ୍ର ବର୍ତ୍ତମାନ ସେଗୁଡିକ ଲୋପ ପାଇବାକୁ ବସିଲାଣି।

**-ସ୍ମିତା ମହାନ୍ତି, ଯୋଗ ପ୍ରଶିକ୍ଷକ**

### କେବଳ ଚାନ୍ଦ ପୂଜା କରି ପୂର୍ଣ୍ଣିମା ପାଳିଲି



ପାଠ ପଢା ଓ ଅନ୍ୟାନ୍ୟ କାମ ପାଇଁ ସହରରେ ରହିବାକୁ ପଡୁ ଥିବାରୁ କୁମାର ପୂର୍ଣ୍ଣିମାରେ ଆଉ ପୁଚି କିମ୍ବା ନାଚ ଗୀତ କରିବାକୁ ସୁଯୋଗ ମିଳୁନି। କେବଳ ଚାନ୍ଦ ପୂଜା କରି ପୂର୍ଣ୍ଣିମା ପାଳନ କରୁଛି। ସକାଳେ ଉଦିତ ସୂର୍ଯ୍ୟଙ୍କୁ ଆଞ୍ଜୁଳି ଟେକିବା ସହ ସନ୍ଧ୍ୟାରେ ଛେନା, କଦଳି, ଖଇରେ ଚାନ୍ଦ ତିଆରି କରି ବନ୍ଦାପନା କଲି। ହେଲେ ଗାଁ ସାଙ୍ଗସାଥୀଙ୍କ ସହ ମିଶି ଉତ୍ସବ ପାଳନ କରିବାକୁ ସୁଯୋଗ ମିଳୁ ନ ଥିବାରୁ ଦୁଃଖ ଲାଗୁଛି।

**-ଗୌରୀ ସାହୁ, ଛାତ୍ରୀ**

## ସଂକ୍ଷେପରେ

### ଓଭର ବ୍ରିଜ୍‌ରୁ ଖସିପଡ଼ିଲେ ବାଇକ ଚାଳକ



**ଭୁବନେଶ୍ୱର,୨୦।୧୦(ବ୍ୟୁରୋ):** ବମିଖାଲ ଓଭରବ୍ରିଜ ଉପରୁ ବୁଧବାର ରାତି ପ୍ରାୟ ୧୧ଟାରେ ଜଣେ ବାଇକ ଚାଳକ ତଳକୁ ଖସି ପଡିଛନ୍ତି। ସେ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବାବେଳେ ସେହିବାଟ ଦେଇ ଯାଉଥିବା ଲୋକଙ୍କ ସହ ସ୍ଥାନୀୟ ଲୋକେ ପହଞ୍ଚି ଥାନାକୁ ଖବର ଦେଇଥିଲେ। ସେହି ବାଟ ଦେଇ ଯାଉଥିବା ଲକ୍ଷ୍ମୀସାଗର ଥାନା ଅଧିକାରୀ ଲୋକଙ୍କ ସମାଗମ ଦେଖି ସେଠାରେ ପହଞ୍ଚିଥିଲେ। ଗୁରୁତର ଅବସ୍ଥାରେ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ତାଙ୍କର ପରିଚୟ ମିଳିପାରି ନ ଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ପୋଲିସ କହିଛି। ଯୁବକ ଜଣକ କେଉଁ ପରିସ୍ଥିତିରେ ଓଭର ବ୍ରିଜ୍‌ରୁ ଖସିପଡ଼ିଲେ ତାହା ଜଣାପଡିନାହିଁ। ତେବେ ବ୍ରିଜ ଉପରେ ତାଙ୍କ ବାଇକ ଥିବାବେଳେ ସେ ତଳକୁ କିପରି ଖସିପଡ଼ିଲେ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପୋଲିସ ଉକ୍ତ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### ବରିଷ୍ଠ ନାଗରିକଙ୍କୁ ସଚେତନ କଲା ବାରଙ୍ଗ ପୋଲିସ

**ବାରଙ୍ଗ,୨୦।୧୦(ଡି.ଏନ୍.ଏ.):** ଆମ ଜୀବନରେ ଟେକ୍ନୋଲୋଜି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆମର ଦୈନନ୍ଦିନ କାର୍ଯ୍ୟକୁ ସରଳ କରିବା ପାଇଁ ଆମେ ଇଣ୍ଟରନେଟ ଏବଂ କମ୍ପ୍ୟୁଟର ଉପରେ ନିର୍ଭର କରିଥାଉ। କିନ୍ତୁ ଅସାବଧାନତା ଯୋଗୁ ସାଇବର ଠକମାନେ ଇଣ୍ଟରନେଟ ମାଧ୍ୟମରେ ହ୍ୟାକ କରି ଠକିଚାଲୁଛନ୍ତି। ଏହି ଠକଙ୍କ କବଳରୁ କିପରି ରକ୍ଷା ପାଇପାରିବା ସେନେଇ ବାରଙ୍ଗ ପୋଲିସ ତରଫରୁ ବରିଷ୍ଠ ନାଗରିକଙ୍କୁ ସଚେତନତାର ବାର୍ତ୍ତା ଦିଆଯାଇଛି। ବୁଧବାର ମଧୁବନସ୍ଥିତ ଏକ ଘରୋଇ କଲେଜ ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ କଟକ ଆଡଶିନାଲ ଏସ୍‌ପି ଅନିଲ କୁମାର ମିଶ୍ର, କଟକ ଜୋନ-୪ ଏସିପି ଚନ୍ଦନ ଘଡାଇ, ବାରଙ୍ଗ ଥାନା ଆଇଆଇସି ଆକାଶ କୁମାର ରଣା, ସାଇବର ସେଲ ଇନ୍ସପେକ୍ଟର ରେଣୁବାଳା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସଚେତନ କରିଥିଲେ। ସାଇବର ଠକମାନେ ବିଶେଷକରି ସିନିୟର ସିଟିଜେନଙ୍କୁ ଟାର୍ଗେଟ କରି ଅତି ସହଜରେ ଠକି ଦେଇପାରନ୍ତି। ତେଣୁ ସଚେତନ ରହିବା ସହ ଅଜଣା ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ନ କରିବା ପାଇଁ କହିଛନ୍ତି। ମୋବାଇଲ ଓ କମ୍ପ୍ୟୁଟରରେ ଇଣ୍ଟରନେଟ ବ୍ୟବହାର କରିବା ସମୟରେ ଏଥିପ୍ରତି ଦୃଷ୍ଟିଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟି ସଭାପତି ପ୍ରତାପଚନ୍ଦ୍ର ପାଣି, ସମ୍ପାଦକ ସୁରେଶ ମହାନ୍ତି, ଟ୍ରକ୍ ମାଲିକ ସଂଘ ସଭାପତି ବିଜୟ ପଣ୍ଡା, ପ୍ରେମାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବରିଷ୍ଠ ନାଗରିକଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ।

# ଏକାମ୍ର ହାଟରେ ଦୀପ, ଟେରାକୋଟା ପସରା

**ଭୁବନେଶ୍ୱର, ୨୦।୧୦ (ବ୍ୟୁରୋ)**



ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ ୟୁନିଟ୍-୩ସ୍ଥିତ 'ଏକାମ୍ର ହାଟ' ନୂଆ ରୂପ ଓ ଭିନ୍ନ ଆକର୍ଷଣ ନେଇ ପୁଣି ଫେରିଛି। ଆସନ୍ତା ଦୀପାବଳୀକୁ ଦୃଷ୍ଟିରେ ରଖି ଗତ ୧୬ ତାରିଖରୁ ହାଟରେ ଦୀପ ଓ ଟେରାକୋଟା ସାମଗ୍ରୀ ବିକ୍ରି ପାଇଁ ବିଶେଷ ଆୟୋଜନ କରାଯାଇଛି। ଆସନ୍ତା ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ପ୍ରତିଦିନ ସକାଳ ୧୦ଟାରୁ ଗ୍ରାହକ ତଥା ପରିଦର୍ଶକଙ୍କ ଭିଡ଼ ଜମୁଛି। ଏବେ ୨୨ ଜିଲା ପ୍ରାୟ ୧୧୦ଜଣ ଟେରାକୋଟା କାରିଗର ଏଠାରେ ନିଜ କଳାର ଯାଦୁ ଦେଖାଇବା ସହ ବହୁ ମନଲୋଭା ସାମଗ୍ରୀ ବିକ୍ରି କରିବାର ସୁଯୋଗ ପାଇଛନ୍ତି। ଏଥିସହ ଓଡ଼ିଶାର ହସ୍ତତନ୍ତ ସାମଗ୍ରୀ ଓ ପାରମ୍ପରିକ ଖାଦ୍ୟ ବିକ୍ରିର ବ୍ୟବସ୍ଥା କରାଯାଇଛି। ହସ୍ତଶିଳ୍ପ ଓ ହସ୍ତତନ୍ତ୍ର ଷ୍ଟଲଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି। 'ଏକାମ୍ର କୁଟୀର'ରେ ୫୦ ଷ୍ଟଲ ଓ 'ଏକାମ୍ର ବଜାର'ରେ ୩୩ ଷ୍ଟଲ ରହିଛି। ମୋଟ ୮୩ ଷ୍ଟଲ ଆବଣ୍ଟନ କରାଯାଇଥିବାବେଳେ ୫୬ ଷ୍ଟଲ ହସ୍ତଶିଳ୍ପ ଓ ୨୭ ଷ୍ଟଲ ହସ୍ତତନ୍ତ ପାଇଁ ଉଦ୍ଦିଷ୍ଟ ରହିଛି। ଏଥିରେ ୮ଟି ଷ୍ଟଲରେ ପ୍ରତ୍ୟକ୍ଷ କଳା ପ୍ରଦର୍ଶନୀ ପାଇଁ ରହିଛି। ବୟନିକା, ଅମ୍ଲାନ, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ଉତ୍କଳିକା ଭଳି ସଂସ୍ଥାଗୁଡ଼ିକୁ ଷ୍ଟଲ ଆବଣ୍ଟନ କରାଯାଇଛି। ପରିଦର୍ଶକମାନେ ଏକାମ୍ର ହାଟରେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ଉତ୍ପାଦିତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ପ୍ରତ୍ୟକ୍ଷ ଭାବେ ଦେଖିବା ସହ କିଣିବାର ସୁଯୋଗ ପାଉଛନ୍ତି।

ରାଜ୍ୟରେ ୧୦ହଜାରରୁ ଊର୍ଦ୍ଧ୍ୱ କାରିଗର ଟେରାକୋଟାରେ ବିଭିନ୍ନ ପାରମ୍ପରିକ ଗୃହସଜ୍ଜା ଉପକରଣ ଓ ବ୍ୟବହାର ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଏସବୁ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ହୋଇଥିବାବେଳେ ଏହା ଉନ୍ନତ ମାନର ହୋଇଥିବା କୁହାଯାଇଛି।

### ଆକର୍ଷଣ ସାଜିଛି ଗୃହସଜା ସାମଗ୍ରୀ

ଭୁବନେଶ୍ୱରର ଅନ୍ୟଜଣେ ଶିଳ୍ପୀଙ୍କ ଷ୍ଟଲରେ ରହିଛି ଖୁବ୍ ସୁନ୍ଦର ଟେରାକୋଟା ଫାଉଣ୍ଟେନ୍ ଓ ବେଡ୍ ଲ୍ୟାମ୍ପ। ଦାମ୍ ୧୮ଶହରୁ ୩ହଜାର ୫ଶହ ପର୍ଯ୍ୟନ୍ତ ରହିଛି। ସେହିପରି ଟେରାକୋଟା ଉପରେ ଚିତ୍ରିତ ଥାଳିଗୁଡିକ ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ଦାମ୍ ୧୫୦ଟଙ୍କା ରହିଛି। ବିଭିନ୍ନ ଡିଜାଇନ୍‌ର ମାଟି ଦୀପ ଓ ଷ୍ଟାଣ୍ଡ୍ ମେଳାରେ ବିକ୍ରି ହେଉଛି। ଦାମ୍ ୫ଟଙ୍କାରୁ ଆରମ୍ଭ ହୋଇ ୩୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ହାଣ୍ଡି, ତାଓ୍ୱା, ଚଡେଇ ସମେତ ଗୃହସଜ୍ଜା ସାମଗ୍ରୀ ଅତି ମନଲୋଭା ହୋଇଛି।

### କଳାକୃତିରେ ଜଗନ୍ନାଥଙ୍କ ନବକଳେବର



ମେଳାରେ ଅନ୍ୟତମ ଆକର୍ଷଣ ପାଲଟିଛି କେନ୍ଦ୍ରାପଡାର କାରିଗର ସରୋଜ କୁମାର ରାଉତଙ୍କ ଦ୍ୱାରା ନିର୍ମିତ ଟେରାକୋଟା ରଥ। ଏହି ରଥରେ ଜଗନ୍ନାଥଙ୍କ ମୂର୍ତ୍ତିଠାରୁ ଆରମ୍ଭ କରି ବ୍ରହ୍ମ ପରିବର୍ତ୍ତନ ପର୍ଯ୍ୟନ୍ତ ସବୁକିଛି ଖୁବ୍ ସୁନ୍ଦର ଭାବେ କଳାକୃତି ସ୍ଥାନିତ ହୋଇଛି। ରଥ ଚତୁଃପାର୍ଶ୍ୱରେ ଜଗନ୍ନାଥଙ୍କ ନବକଳେବରକୁ ଅତି ନିଖୁଣ ଭାବେ ନିର୍ମାଣ କରାଯାଇଛି। ଏହାକୁ ତିଆରି ପାଇଁ ଶିଳ୍ପୀଙ୍କୁ ପ୍ରାୟ ୩ମାସ ସମୟ ଲାଗିଥିଲା। ଏହାର ଦାମ୍ ୧ଲକ୍ଷ ୩୦ହଜାର ଟଙ୍କା ରହିଛି। ଏଥିସହ ତାଙ୍କ ଷ୍ଟଲରେ ସେରାମିକ୍‌ରେ ପ୍ରସ୍ତୁତ ଏକ ଫୋନ ରହିଛି, ଯାହାର ଦାମ ୧୫ହଜାର ଟଙ୍କା ରହିଛି।

### ଲୁଟେରା ଗ୍ୟାଙ୍ଗ୍ ଧରାପଡ଼ିଲା, ୩ ଗିରଫ

**୫୧ ମୋବାଇଲ, ଗୋଟିଏ ବାଇକ ଜବତ**

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ)**

ରାଜଧାନୀରେ ବିଭିନ୍ନ ଥାନା ଅଞ୍ଚଳରେ ଲୁଟପାଟ୍ କରୁଥିବା ଏକ ଗ୍ୟାଙ୍ଗକୁ ଖଣ୍ଡଗିରି ଥାନା ପୋଲିସ ଧରିଛି। ଗ୍ୟାଙ୍ଗ୍‌ର ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୫୧ ମୋବାଇଲ୍ ଫୋନ୍ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁର ଥାନା ଫୁଲେଶ୍ୱରୀ ବସ୍ତିର ସାଗର ପୁନ୍ ଓରଫ ନେପୁ(୨୬), ଗଞ୍ଜାମ ଜିଲା ପାଟପୁର ଥାନା କଂସାମାରୀ ଗ୍ରାମର ଦୀପ୍ତି ରଞ୍ଜ(୧୯) ଓ କଟକ ଜିଲା ବାଙ୍କି ଥାନା ଗୋପାଳପୁରର ସୋମନାଥ ସାହୁ(୨୩)। ଏମାନେ କିଛିଦିନ ହେବ ରାଜଧାନୀରେ ଉତ୍ପାତ କରୁଥିଲେ। ରାତିରେ ଯାଉଥିବା ଲୋକଙ୍କୁ ଟାର୍ଗେଟ କରି ଟଙ୍କା, ମୋବାଇଲ୍ ଫୋନ୍, ବାଇକ୍ ଆଦି ଲୁଟୁଥିଲେ। ଆଇଗିଣିଆ ଅଞ୍ଚଳରେ ଅଭିଯୁକ୍ତମାନେ ଅଧିକ ସକ୍ରିୟ ଥିଲେ। ଗତ ୧୨ ତାରିଖ ରାତି ପ୍ରାୟ ୨ଟାରେ ସ୍ଥାନୀୟ ଥାନା ଡୁମୁଡୁମା ଅଞ୍ଚଳର ବିଷ୍ଣୁ କୁମାର ସାହୁ ରେଳ ଷ୍ଟେଶନ ନିଜ ବାଇକରେ ଘରକୁ ଫେରୁଥିଲେ। ଟିଭିଏସ୍ ଶୋରୁମ ପାଖରେ ସାଗର ତାଙ୍କୁ ଅଟକାଇ ବାଇକ ଛଡାଇ ନେଇଯାଇଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୩୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜରୁ ସାଗର ଧରାପଡିବା ପରେ ତାଙ୍କୁ ପଚରାଉଚରା କରି ଅନ୍ୟମାନଙ୍କୁ ଗିରଫ କରିଥିଲା ପୋଲିସ।



ଉତ୍କ୍ର ପକ୍ଷରୁ ବୁଧବାର ଅନୁଷ୍ଠିତ ଅଷ୍ଟାଦଶ କୁମାର ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### କାଠଯୋଡ଼ିରୁ ଯୁବକଙ୍କ ମୃତଦେହ ଜବତ

**କଟକ ଅଫିସ,୨୦।୧୦**

କଟକ ସଦର ଥାନା ଅଧୀନ କାଠଯୋଡି ନଦୀରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଭୁବନେଶ୍ୱର ଖାରବେଳ ନଗର ୟୁନିଟ୍-୩ ଅଞ୍ଚଳର ସପନ ବେହେରା(୩୧)। ପୋଲିସ ସୂଚନା ଅନୁଯାୟୀ, ସପନ ଏକ ଘରୋଇ କୋରିୟର କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ମଙ୍ଗଳବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ କଟକ ସ୍କୁଟି(ଓଆର୦୨ବିଆର-୭୯୫୬)ରେ ଯାଉଥିଲେ। କାଠଯୋଡି ପୋଲ ଉପରେ ସ୍କୁଟି ରଖି ହଠାତ୍ ନଦୀକୁ ଡେଇଁ ପଡ଼ିଥିଲେ। ବୁଧବାର ସକାଳେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ୍ ସହାୟତାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଥିଲା। ଏନେଇ କଟକ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସପନଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଆର୍ଥିକ ସମସ୍ୟା ଯୋଗୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପରିବାର ଲୋକେ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

### ଶମ୍ବର ଶାବକ ଜନ୍ମ



**ବାରଙ୍ଗ,୨୦।୧୦(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୮ନଂ. ଏନକ୍ଲୋଜରରେ ରହୁଥିବା ମାଈ ଶମ୍ବର ବୁଧବାର ସକାଳେ ଏକ ଶାବକ ଜନ୍ମ ଦେଇଛି। ଶାବକକୁ ଜନ୍ମ ଦେବା ପରେ ମା ଓ ଛୁଆ ଉଭୟ ସୁସ୍ଥ ରହିଛନ୍ତି। ଯାହାଫଳରେ ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ନନ୍ଦନକାନନରେ ୧୨ରେ ପହଞ୍ଚିଛି। ସେଥିମଧ୍ୟରେ ୪ ଅଣ୍ଡିରା, ୭ ମାଈ ଓ ଜନ୍ମିତ ଶାବକର ଲିଙ୍ଗ ନିରୂପଣ ହୋଇପାରି ନ ଥିବାର ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ଏକାମ୍ରରେ ୪ ପ୍ରକଳ୍ପର ଶୁଭାରମ୍ଭ

**ପୁରୁଣା ଭୁବନେଶ୍ୱର, ୨୦।୧୦ (ଡି.ଏନ୍.ଏ)**

ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶିଶୁପାଳଗଡ଼, ଲିଙ୍ଗିପୁର ଓ ଟିକରପଡ଼ା ଗ୍ରାମ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଶୁପାଳଗଡ ଗଡ଼ଚଣ୍ଡି ମନ୍ଦିର ନିକଟରେ ୧୧ଲକ୍ଷ ଟଙ୍କାର ଡ୍ରେନ, ଲିଙ୍ଗିପୁର ଇନ୍ଦିରା କଲୋନୀର କଂକ୍ରିଟ ରାସ୍ତା ପାଇଁ ୧୫ ଲକ୍ଷ, ଗଙ୍ଗୋତ୍ରୀନଗର ଲେନ ୧ ରୁ ୩ ପର୍ଯ୍ୟନ୍ତ ରାସ୍ତା ପାଇଁ ୧୦ ଲକ୍ଷ ଟଙ୍କା, ଟିକରପଡ଼ା ନଦୀବନ୍ଧଠାରୁ ଗଙ୍ଗା ବନ୍ଧ ରାସ୍ତାର ରିଟର୍ଣ୍ଣିଂ ୱାଲ୍ ପାଇଁ ୨୨ ଲକ୍ଷ ଟଙ୍କାର କାର୍ଯ୍ୟର ଭିତ୍ତପ୍ରସ୍ତର ସ୍ଥାପନ କରିଥିଲେ। ଭୁବନେଶ୍ୱର ବ୍ଲକ ଅଧକ୍ଷ ଅବିନାଶ ପଟ୍ଟନାୟକ, ଜିଲାପରିଷଦ ସଭ୍ୟା ଦିପ୍ତିମୟୀ ସୁନ୍ଦରାୟ, ସରପଞ୍ଚ ରୀନାରାଣୀ ବେହେରା, ଇତିଶ୍ରୀ ଚମ୍ପତି, ସଂଘମିତ୍ରା ପାଳ, ସମିତିସଭ୍ୟା ରଶ୍ମିତା ଶ୍ରୀଚନ୍ଦନ, ରଜନୀ ଦାସ, ନାଏବ ସରପଞ୍ଚ ରାଜେନ୍ଦ୍ର ସାହୁ, ସାମାଜିକକର୍ମୀ ସୁବାସ ସୁନ୍ଦରାୟ ପ୍ରମୁଖଉପସ୍ଥିତ ଥିଲେ।



ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

### କେ. ରାମାରାଓଙ୍କୁ 'ଗୁରୁ ସହଦେବ ପାଢ଼ୀ ସ୍ମାରକୀ ସମ୍ମାନ'

**ଭୁବନେଶ୍ୱର, ୨୦।୧୦ (ବ୍ୟୁରୋ)**

ଓଡ଼ିଶୀ ନୃତ୍ୟଗୁରୁ ସହଦେବ ପାଢ଼ୀଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ଡ୍ୟାନ୍ସ ଆଣ୍ଡ୍ ରିସର୍ଚ୍ଚ ଏକାଡେମୀ(ଉଡ୍ର) ପକ୍ଷରୁ ଅଷ୍ଟାଦଶ କୁମାର ଉତ୍ସବ ବୁଧବାର ଆରମ୍ଭ ହୋଇଛି। ଏହି ଦୁଇଦିନିଆ ଉତ୍ସବକୁ ଏମ୍‌ପି ତଥା ବିଶିଷ୍ଟ ଅଭିନେତା ପ୍ରଶାନ୍ତ ନନ୍ଦ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଓ 'ଉଡ୍ର' ଅଧକ୍ଷ ପୂର୍ବତନ ପୋଲିସ ପ୍ରଶାସକ ବଟକୃଷ୍ଣ ତ୍ରିପାଠୀ ଯୋଗଦେଇ କୁମାର ଉତ୍ସବ ପରମ୍ପରା ସମ୍ପର୍କରେ କହିଥିଲେ। ଏହି ଅବସରରେ ବୀଣା ବାଦନ ଗୁରୁ ତଥା ବିଶିଷ୍ଟ ସଙ୍ଗୀତଜ୍ଞ ପଣ୍ଡିତ କେ.ରାମାରାଓ ପାତ୍ରଙ୍କୁ ସମ୍ମାନଜନକ 'ଗୁରୁ ସହଦେବ ପାଢ଼ୀ ସ୍ମାରକୀ ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୧୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଦିଆଯାଇଥିଲା।

#### ଉଡ୍ର ପକ୍ଷରୁ ଅଷ୍ଟାଦଶ କୁମାର ଉତ୍ସବ

ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିଳ୍ପୀମାନେ ଗୁରୁ ଆରତୀ କରଙ୍କ ସଂଯୋଜନାରେ ଦଳଗତ ନୃତ୍ୟ 'କୁଆଁର ପୁନେଇ ଜହ୍ନ ଗୋ' ଓ ଗୁରୁ ବିଜୟ ଜେନାଙ୍କ ସଂଯୋଜନାରେ ବୃନ୍ଦ ତବଲା ବାଦନ ପରିବେଷଣ କରିଥିଲେ। ସଙ୍ଗୀତ ଗୁରୁ ଉମେଶ ଚନ୍ଦ୍ର ଦାଶଙ୍କ ପରିଚାଳନାରେ ଦଳଗତ ପରିବେଷଣ 'ଗୀତ ଗୋବିନ୍ଦ' ଓ 'ଦେବୀ' ବେଶ୍ ମନଛୁଆଁ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା ଓ ଶୁଭଲକ୍ଷ୍ମୀ ପାଢ଼ୀ ସହଯୋଗ କରିଥିଲେ।

### ପିଲାଙ୍କ ଦକ୍ଷତା ବୃଦ୍ଧି ପାଇଁ ୨୧ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ସମ୍ପ୍ରତି ପିଲାମାନେ ମୋବାଇଲ ଓ କମ୍ପ୍ୟୁଟରରେ ପଢିବାକୁ ଅଧିକ ପସନ୍ଦ କରୁଛନ୍ତି। ତେଣୁ ଟ୍ରେସିଂ ଓ ଲର୍ନିଂ କନ୍‌ସେପ୍ଟକୁ ନେଇ ବିଭିନ୍ନ ଥିମ୍ ଉପରେ ପିଲାଙ୍କ ଶିକ୍ଷା ଦକ୍ଷତା ବୃଦ୍ଧି ପାଇଁ ୨୧ଟି ପୁସ୍ତକ ପ୍ରସ୍ତୁତ କରିଛନ୍ତି ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ସଫ୍ଟସ୍କିଲ୍ ଟ୍ରେନର୍ ସିନ୍ଧୁ ବ୍ରାଉନ। ବୁଧବାର ସ୍ଥାନୀୟ ଏକ ରେଷ୍ଟୁରାଣ୍ଟରେ ଏସବୁ ପୁସ୍ତକ ଉନ୍ମୋଚିତ ହୋଇଛି। ୩ ରୁ ୧୪ ବର୍ଷ ବୟସର ଶିଶୁ ଏହି ପୁସ୍ତକ ବ୍ୟବହାର କରିପାରିବେ। ଏଗୁଡ଼ିକ ହେଲା ଇଂଲିଶ ବର୍ଣ୍ଣମାଳା, ଓଡିଆ ବର୍ଣ୍ଣମାଳା, ଇଂଲିଶ ଫୋନିକ୍ସ, ସାଇଲେଣ୍ଟ ଶବ୍ଦ, ଦୃଶ୍ୟ ଶବ୍ଦ, ଗୀତ, ସକାରାତ୍ମକ ନିଶ୍ଚିତତା, ବଣୁଆ ଜନ୍ତୁ, ଗୃହପାଳିତ ପଶୁ, ପରିବହନ, ପକ୍ଷୀ, ଫୁଲ, ଖାଦ୍ୟ, ଫଳ, ପନିପରିବା, ବାଦ୍ୟଯନ୍ତ୍ର, କ୍ରୀଡା, ବ୍ୟାୟାମ, ଯୋଗାସନ, ଗଣିତ ଓ ମନ୍ତ୍ର। ପୁସ୍ତକ ପ୍ରକାଶନରେ ମାନସ ରଞ୍ଜନ ଦାସ, ମାନବୀ ଚୌଙ୍କ୍, ଶ୍ରୀଦେବୀ ଓ କୁଞ୍ଜନ ସହଯୋଗ କରିଛନ୍ତି। ଉତ୍ସବରେ ମଦର ପବ୍ଲିକ ସ୍କୁଲର ମୁଖ୍ୟ ପଲ୍ଲୀ ପଟ୍ଟନାୟକ, ନୃତ୍ୟଶିଳ୍ପୀ ଶାଶ୍ୱତ ଜୋଷୀ, ରୁଦ୍ରାକ୍ଷ ଫାଉଣ୍ଡେଶନ ପ୍ରତିଷ୍ଠାତା ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ଓଡ଼ିଶୀ ନୃତ୍ୟଗୁରୁ ଲିଙ୍ଗରାଜ ସ୍ୱାଇଁ, ନାଟ୍ୟ ଚେତନାର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ ଉପସ୍ଥିତ ଥିଲେ। ସିନ୍ଧୁ କହିଛନ୍ତି, ପିଲାମାନେ କିପରି ସହଜରେ ପାଠ ପଢ଼ିବାକୁ ଓ ଶିଖିବାକୁ ଆଗ୍ରହୀ ହେବେ ସେଭଳି ଭାବରେ ଡିଜାଇନ୍ କରାଯାଇଛି। ସେମାନଙ୍କ ଫଟୋଗ୍ରାଫିକ୍ ମେମୋରି ମଧ୍ୟ ବିକଶିତ ହୋଇପାରିବ। ଆଗାମୀ ଦିନରେ ଦୃଷ୍ଟିହୀନ ଓ ମାନସିକ ଅକ୍ଷମ ଛାତ୍ରୀଛାତ୍ର ପାଇଁ ନୂଆ ବହି ଆସିବ। କାର୍ଯ୍ୟକ୍ରମକୁ ଗୁରୁପଦ ବଳିଆରସିଂହ ଓ ଅମ୍ବର୍ ପରିଚାଳନା କରିଥିଲେ।

### ବେଆଇନ ବନ୍ଧୁକ କାରବାର:୪ ଗିରଫ

**କଟକ ଅଫିସ,୨୦।୧୦**

#### ୫ ବନ୍ଧୁକ, ୨ ବାଇକ, ମୋବାଇଲ ଫୋନ୍ ଜବତ



ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅଧୀନ ଥାଟରାସାହିର ମଙ୍ଗୁ ଓରଫ ସୌମେନ୍ଦ୍ର ସାହୁ, ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳର କାଳିଆ ଓରଫ ସେକ୍ ସାଜିଦ ଅଲ୍ଲୀ, ବିରିଡି ଥାନା ଅଞ୍ଚଳର ଟିମିନା ଓରଫ ସୁଦର୍ଶନ ମଲ୍ଲିକ ଓ ବାଦଲ କୁମାର ଜେନା। ସେମାନଙ୍କଠାରୁ ୫ ବନ୍ଧୁକ, ୧୨ ଗୁଳି, ୨ଟି ବାଇକ୍ ଓ ୫ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ସୌମେନ୍ଦ୍ରଙ୍କ କହିବାନୁଯାୟୀ, ମଙ୍ଗଳବାର ରାତି ସାଢେ ୭ଟାରେ ଗତିରାଉତପାଟଣାସ୍ଥିତ ପଥରମୁଣ୍ଡେଇ ମଠ ନିକଟରେ ଅଭିଯୁକ୍ତମାନେ ବେଆଇନ ବନ୍ଧୁକ କାରବାର କରୁଥିଲେ। ଖବରପାଇ ଚାଉଳିଆଗଞ୍ଜ ଥାନା ଏସ୍‌ଆଇ ମାନେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। ସେମାନେ ବନ୍ଧୁକ ଆଣି କଟକ ଓ ଆଖପାଖ ଜିଲାର ଅପରାଧୀମାନଙ୍କୁ ଯୋଗାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମଙ୍ଗୁ ବହୁବର୍ଷଧରି ଏହି କାରବାରରେ ସମ୍ପୃକ୍ତ ଅଛନ୍ତି। ପୂର୍ବରୁ ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ମଙ୍ଗୁ ଓ କାଳିଆଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଛି। ଏହି ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ, ଏସିପି ଅମରେନ୍ଦ୍ର ପଣ୍ଡା ଓ ଆଇଆଇସି ଶଶିକାନ୍ତ ରାଉତ ଉପସ୍ଥିତ ଥିଲେ।

## ଚିଲିକାରେ ବଢୁଛି ବିଦେଶୀ ପକ୍ଷୀଙ୍କ ସମାଗମ

**ବାଲୁଗାଁ,୨୦।୧୦(ଡି.ଏନ୍.ଏ.)**

#### ପ୍ରଥମ ପର୍ଯ୍ୟାୟରେ ଆସିଛନ୍ତି ୨୨ହଜାରରୁ ଊର୍ଦ୍ଧ୍ୱ ପକ୍ଷୀ



ବାୟୁମଣ୍ଡଳକୁ ଶୀତ ସ୍ପର୍ଶ ନ କରୁଣୁ ଏସିଆର ସର୍ବବୃହତ ଲବଣାକ୍ତ ହ୍ରଦ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଛି। ବୁଧବାର ସୁଦ୍ଧା ଚିଲିକାକୁ ପ୍ରଥମ ପର୍ଯ୍ୟାୟରେ ୬୨ପ୍ରଜାତିର ୨୨ହଜାରରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ଆସିଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ସୂତ୍ରରୁ ଜଣାଯାଇଛି। ନଳବଣରେ ୫୫ପ୍ରଜାତିର ମୋଟ ୫,୧୨୭ ପକ୍ଷୀଙ୍କ ଆଗମନ ହୋଇଥିବାବେଳେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ଦେଶୀ ପକ୍ଷୀ ମଧ୍ୟ ସମାଗମ ହୋଇଛନ୍ତି। ସର୍ବାଧିକ ସଂଖ୍ୟାରେ ଉଡ୍‌ସ୍ୟାଣ୍ଡ ପାଇପର୍ ୩୦୦, ଇରାସିଆନ୍ ଇୟୁଜିୟନ ୩୦୦, ପ୍ଲୋଭର ୨୮୦, ନର୍ଦନ ପିଣ୍ଟେଲ୍ ୨୫୦, ସୋଭଲର ୨୦୦, କମନକୁଟ୍ ୧୪୦, କମନ୍ ରେଡ୍‌ଷ୍ଟାର୍କ୍ ୧୨୦, ଗୋଲଡେନ ପ୍ଲୋଭର ୧୦୦ଏବଂ ଚିଲିକାକୁ ଶୋଭା ବର୍ଦ୍ଧନ କରୁଥିବା ଆକର୍ଷଣୀୟ ଗ୍ରେଟର ଫ୍ଲେମିଙ୍ଗୋ (ଏରା ପକ୍ଷୀ) ଆଦି ପ୍ରଜାତିର ସ୍ୱଳ୍ପ ସଂଖ୍ୟା ପକ୍ଷୀଙ୍କ ଆଗମନ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏହାବ୍ୟତୀତ ଅବଶିଷ୍ଟ ପକ୍ଷୀ ବାହାର ଚିଲିକା ତଥା ଅନ୍ୟାନ୍ୟ ରେଞ୍ଜ ଟାଙ୍ଗି, ସାତପଡ଼ା, ଚିଲିକା ଓ ରମ୍ଭା ଆଦି ଅଞ୍ଚଳରେ ଦୃଷ୍ଟିଗୋଚର ହୋଇଛନ୍ତି। ପ୍ରାୟତଃ ଅକ୍ଟୋବର ପହିଲାରୁ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। କିନ୍ତୁ ଚଳିତବର୍ଷ ଶୀତ ଆଗମନରେ ବିଳମ୍ବ ହେବା ସତ୍ତ୍ୱେ ତୃତୀୟ ସପ୍ତାହ ସୁଦ୍ଧା ଚିଲିକାକୁ ପକ୍ଷୀ ଆସିଯାଇଛନ୍ତି। ବରଫାବୃତ୍ତ ଅଞ୍ଚଳ ସାଇବେରିଆ, ରୁଷିଆ, କାଜାଖସ୍ତାନ, ଲଦାଖ, ମଙ୍ଗୋଲିଆ, ଆମେରିକା, କାନାଡା ଆଦି ରାଷ୍ଟ୍ରାଞ୍ଚଳରୁ ପ୍ରବଳ ହିମପ୍ରବାହ ଓ ଅସହ୍ୟ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ପକ୍ଷୀମାନେ ହଜାର ହଜାର ମାଇଲ୍ ଅତିକ୍ରମ କରି ଚିଲିକାକୁ ଆସନ୍ତି। ସେମାନେ ନଳବଣ ଏବଂ ଟାଙ୍ଗି ରେଞ୍ଜ୍ ଅଧୀନ ମଙ୍ଗଳାଯୋଡ଼ି ଅଞ୍ଚଳରେ ରୁହନ୍ତି।

ଅନ୍ୟପକ୍ଷେ ପକ୍ଷୀଙ୍କ ଆଗମନକୁ ଦୃଷ୍ଟିରେ ରଖି ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ସଜାଗ ହୋଇଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ୨୧ଟି କ୍ୟାମ୍ପ ଓ ସ୍ଥଳପଥରେ ଗୋଟିଏ ଭ୍ରାମ୍ୟମାଣ ସ୍କ୍ୱାଡ ଗଠନ କରାଯାଇଛି। ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୧୧ଟି କ୍ୟାମ୍ପ, ବାଲୁଗାଁ ରେଞ୍ଜର ନଳବଣରେ ୪ଟି, ସାତପଡ଼ାରେ ୨ଟି, ରମ୍ଭା ୨ ଓ ଚିଲିକାରେ ୧ଟି କ୍ୟାମ୍ପ ପାଇଁ ବ୍ୟବସ୍ଥା ହୋଇଛି। ଭ୍ରାମ୍ୟମାଣ ସ୍କ୍ୱାଡ୍ ଚଢ଼ାଉ ହେବ। ଏଥିସହ ଚିଲିକା ତଟବର୍ତ୍ତୀ ଗ୍ରାମରେ ପକ୍ଷୀ ସୁରକ୍ଷା ସମ୍ପର୍କିତ ସଚେତନମୂଳକ କାର୍ଯ୍ୟକ୍ରମ କରାଯିବ। ଗତବର୍ଷ ପକ୍ଷୀ ଶିକାର ଘଟଣାରେ ୭ଟି ମାମଲା ରୁଜୁ କରାଯାଇ ୧୫ଜଣଙ୍କୁ ଗିରଫ ସହ ୫୦ରୁ ଊର୍ଦ୍ଧ୍ୱ ମୃତ ପକ୍ଷୀ ଜବତ ହୋଇଥିଲା। ତେବେ ଗତବର୍ଷ ବିଭାଗୀୟ ଗଣନା ଅନୁଯାୟୀ ସମଗ୍ର ଚିଲିକାକୁ ୧୯୦ ପ୍ରଜାତିର ମୋଟ ୧୨ଲକ୍ଷ ୪୨ହଜାର ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ପାଗ ଅନୁକୂଳ ଥିବାବେଳେ ଆଗକୁ ଶୀତ ବଢ଼ିଲେ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଏସିଏଫ୍ ଶରତ ଚନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି।

## ବାଉଁଶପୁଟ ନାଏବ ସରପଞ୍ଚ ବିଜେଡିରୁ ନିଲମ୍ବିତ

ବାଙ୍କୀ,(ସ୍ୱ.ପ୍ର.) : ବାଙ୍କୀ ବ୍ଲକ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତର ନାଏବ ସରପଞ୍ଚ ମନୋଜ କୁମାର ପଣ୍ଡା ଓରଫ ଲିପୁଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବନ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ବିଜେଡି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ସମ୍ପାଦକ ବିଜେଡି (ମିଡିଆ ସେଲ୍) ମାନସ ରଞ୍ଜନ ମଙ୍ଗରାଜ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ପ୍ରସ୍ତୁତି ବୈଠକ

କଟକ ଅଫିସ,୨୦।୧୦- ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ଏକ ପ୍ରସ୍ତୁତି ବୈଠକ ବୁଧବାର ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର ଅଧକ୍ଷତା କରିଥିଲେ। କର୍ମଚାରୀଙ୍କ ବହୁବିଧ ସମସ୍ୟାର ସମାଧାନ ଲାଗି ସଂଘର ରାଜ୍ୟସ୍ତରୀୟ ବୈଠକ ଆସନ୍ତା ୨୪ ତାରିଖରେ ଓଡ଼ିଶା ମେଡିକାଲ ସଭାଗୃହରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ କର୍ମଚାରୀମାନଙ୍କ ଦୀର୍ଘଦିନର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇ ଆଗାମୀ ଦିନରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ବୈଠକର ଗୁରୁତ୍ୱ ଦୃଷ୍ଟିରୁ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଓ ଜିଲା ସମ୍ପାଦକମାନେ ଯୋଗଦେବା ପାଇଁ ଆହ୍ୱାନ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ଉପସଭାପତି ଯୁଗଳ କିଶୋର ନାୟକ, ଉପସଭାପତି ସାକିର ଖାଁ, ବିଜୟ ନାୟକ, ଶିବପ୍ରସାଦ ମହାନ୍ତି, ନରେନ୍ଦ୍ର ତୋପାକ୍, କବି ନାୟକ, ପ୍ରଭାତି ଆଚାର୍ଯ୍ୟ, ବାଉରି ଦେହୁରୀ, ରଞ୍ଜିତା ମିଶ୍ର ଓ ସୁକାନ୍ତି ନାୟକ ଉପସ୍ଥିତ ଥିଲେ।

### ଶ୍ରୀଅରବିନ୍ଦ ପାଠଚକ୍ର

କଟକ ଅଫିସ,୨୦।୧୦- କଟକ କଲେଜଛକସ୍ଥିତ ଏକ ହୋଟେଲ୍‌ରେ ଶ୍ରୀଅରବିନ୍ଦ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଶ୍ରୀଅରବିନ୍ଦଙ୍କ ମାର୍ଗରେ ବ୍ୟବସାୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଆଲୋଚକ ଭାବେ ଓଡ଼ିଶା ନବଜୀବନ ସଂସଦର ରାଜ୍ୟ ସମ୍ପାଦକ ପ୍ରସାଦ ତ୍ରିପାଠୀ ଯୋଗଦେଇ ସାଧୁତା ଅବଲମ୍ବନ କଲେ କିଭଳି ସୁଫଳ ମିଳିପାରିବ ସେ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ କୁନ୍ତଳା ସାହୁ, ଗଙ୍ଗାଧର ସାହୁ, ପ୍ରମୋଦ ସାହୁ, ଲତା ଦାସ, ଲହରିକା ପଟ୍ଟନାୟକ, ଜଗନ୍ନାଥ ସାହୁ, ଚିନ୍ମୟ ସାମଲ ଓ ଆଲୋକ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶ କୁମାର ସାହୁ ସ୍ୱାଗତ ଭାଷଣ ଓ ଯତୀନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

### ପୂଜା କମିଟି ଉପ ସଭାପତିଙ୍କ ପରଲୋକ

କଟକ ଅଫିସ,୨୦।୧୦- ଖାନ୍‌ନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜାକମିଟି ଉପ ସଭାପତି ଗନ୍ଧର୍ବ ବେହେରା(୮୩)ଙ୍କର ହୃଦ୍‌ଘାତରେ ବୁଧବାର ଖାନ୍‌ନଗରସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଖାନ୍‌ନଗର ପୂଜା କମିଟି ସଭାପତି ସୁବାସ ଚନ୍ଦ୍ର ବେହେରା ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଗନ୍ଧର୍ବଙ୍କ ଶେଷ ଦର୍ଶନ କରିଥିଲେ। ଖାନ୍‌ନଗରସ୍ଥିତ ସ୍ୱର୍ଗଧାମରେ ତାଙ୍କର ଶେଷକୃତ୍ୟ ସମ୍ପର୍ନ୍ନ ହୋଇଛି। ବଡପୁଅ ଭବାନୀ ପ୍ରସାଦ ବେହେରା ମୁଖାଗ୍ନି ଦେଇଥିଲେ।

### ସୁନାଗହଣା ବ୍ୟବସାୟୀଙ୍କ ପରଲୋକ

କଟକ ଅଫିସ, ୨୦।୧୦- ବିଶିଷ୍ଟ ସୁନାଗହଣା ବ୍ୟବସାୟୀ ତଥା ସାମାଜିକ କର୍ମୀ ମୋତିଲାଲ ରୟ(୮୪)ଙ୍କର ବୁଧବାର ପରଲୋକ ହୋଇଛି। ସେ ଗତ ୫ ତାରିଖରୁ ଡେଙ୍ଗୁ ଓ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର



ଦୁଇଭାଇ ପାନ୍ନାଲାଲ ରୟ, ମଦନଲାଲ ରୟ, ବୋହୂ ସୋମା ରୟଙ୍କ ସମେତ ଝିଅଜ୍ୱାଇଁ, ନାତୁଣୀନାତି, ଝିଆରୀପୁତୁରା ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଧାୟକ ମହମ୍ମଦ ମୋକିମଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ସୌରଭ ରୟ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ ମୋତିଲାଲ ରାଧାଗୋବିନ୍ଦ ରୟ(ଆର୍‌ଜିଆର) ଗ୍ରୁପ ଅଫ ଜୁଏଲର୍ସର ମ୍ୟାନେଜିଂ ପାର୍ଟନର, ନିମଚୌଡି ହରପାର୍ବତୀ ଉନ୍ନୟନ କମିଟିର ସଭାପତି, ଉତ୍କଳ ସୁନା ରୁପା ସଂଘର ସମ୍ପାଦକ ଓ ଭୁବନେଶ୍ୱରସ୍ଥିତ ରାମକୃଷ୍ଣ ମଠର ନିର୍ବାହୀ ସଦସ୍ୟ ରହିଥିଲେ। ଏଥିସହ ସେ ଜଣେ ଧାର୍ମିକ, ପରୋପକାରି ବ୍ୟକ୍ତି ଭାବେ ପରିଚିତ ଥିଲେ।

# ବେଆଇନ ବନ୍ଧୁକ କାରବାର:୪ ଗିରଫ

## ୫ ବନ୍ଧୁକ, ୨ ବାଇକ, ମୋବାଇଲ ଫୋନ୍ ଜବତ

କଟକ ଅଫିସ,୨୦।୧୦





ଗିରଫ ଅଭିଯୁକ୍ତ । ଜବତ ବନ୍ଧୁକ, ଗୁଳି ଓ ମୋବାଇଲ ଫୋନ୍ ।

ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅଧୀନ ଥାଟରାସାହିର ମଙ୍ଗୁ ଓରଫ ସୌମେନ୍ଦ୍ର ସାହୁ, ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳର କାଳିଆ ଓରଫ ସେକ୍ ସାଜିଦ ଅଲ୍ଲୀ, ବିରିଡି ଥାନା ଅଞ୍ଚଳର ଟିମିନା ଓରଫ ସୁଦର୍ଶନ ମଲ୍ଲିକ ଓ ବାଦଲ କୁମାର ଜେନା। ସେମାନଙ୍କଠାରୁ ୫ ବନ୍ଧୁକ, ୧୨ ଗୁଳି, ୨ଟି ବାଇକ୍ ଓ ୫ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ସୌମେନ୍ଦ୍ରଙ୍କ କହିବାନୁଯାୟୀ, ମଙ୍ଗଳବାର ରାତି ସାଢେ ୭ଟାରେ ଗତିରାଉତପାଟଣାସ୍ଥିତ ପଥରମୁଣ୍ଡେଇ ମଠ ନିକଟରେ ଅଭିଯୁକ୍ତମାନେ ବେଆଇନ ବନ୍ଧୁକ କାରବାର କରୁଥିଲେ। ଖବରପାଇ ଚାଉଳିଆଗଞ୍ଜ ଥାନା ଏସ୍‌ଆଇ ମାନେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। ସେମାନେ ବନ୍ଧୁକ ଆଣି କଟକ ଓ ଆଖପାଖ ଜିଲାର ଅପରାଧୀମାନଙ୍କୁ ଯୋଗାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମଙ୍ଗୁ ବହୁବର୍ଷଧରି ଏହି କାରବାରରେ ସମ୍ପୃକ୍ତ ଅଛନ୍ତି। ପୂର୍ବରୁ ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ମଙ୍ଗୁ ଓ କାଳିଆଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଛି। ଏହି ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ, ଏସିପି ଅମରେନ୍ଦ୍ର ପଣ୍ଡା ଓ ଆଇଆଇସି ଶଶିକାନ୍ତ ରାଉତ ଉପସ୍ଥିତ ଥିଲେ।





କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ।

# ମମିତାଙ୍କ ହତ୍ୟାକାରୀଙ୍କୁ ଦଣ୍ଡ ଦାବିରେ ବିକ୍ଷୋଭ

କଟକ ଅଫିସ, ୨୦।୧୦

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ, ଛାତ୍ରୀ ଓ ମହିଳାମାନଙ୍କୁ ସୁରକ୍ଷା ଯୋଗାଇବା ଦାବିରେ ଏଆଇଡିଏସ୍‌ଓ କଟକ ଜିଲା କମିଟି ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସଙ୍ଗଠନ କଟକ ଜିଲା ସଭାପତି ଭାଗ୍ୟରବି ଦାସ ଯୋଗଦେଇ କହିଥିଲେ, ଘରୋଇ ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରୀ, ଶିକ୍ଷୟିତ୍ରୀ ଓ ମହିଳା କର୍ମଚାରୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ଶିକ୍ଷାର ଘରୋଇକରଣ-ବ୍ୟବସାୟୀକରଣର ପରିଣାମ ସ୍ୱରୂପ ମମିତାଙ୍କ ଅପହରଣ ଓ ହତ୍ୟାଭଳି ଘଟଣା ଘଟିଛି। ତୁରନ୍ତ ଏ ଦିଗରେ ସରକାର ଉପଯୁକ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ସଙ୍ଗଠିତ କରାଯିବ ବୋଲି ଦାସ ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭରେ ସଙ୍ଗଠନ କଟକ ଜିଲା ସମ୍ପାଦକ ବିନୋଦ ସେଠୀ, କୋଷାଧକ୍ଷ ଇଶା ଧର, ସଙ୍ଗଠକ ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଜ୍ୟୋସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ସରୋଜ ମାନସିଂ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ଉକ୍ତ ଘଟଣାରେ କଟକ ନଗର ଭାଜପା ପକ୍ଷରୁ ବୁଧବାର ବାଦାମବାଡ଼ି ଟ୍ରାଫିକ ଛକ ଠାରେ ପ୍ରତିବାଦ ସଭା ସହ ରାସ୍ତାରୋକୋ କରାଯାଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସଭାରେ ବକ୍ତାମାନେ ଯୋଗଦେଇ ଉକ୍ତ ଘଟଣାର ସିବିଆଇ ତଦନ୍ତ ଦାବି କରିବା ସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲି, ବିଶ୍ୱରଞ୍ଜନ ମିଶ୍ର, ସବ୍ୟସାଚୀ ମହାପାତ୍ର, ସୁବାସ ମହାନ୍ତି, ସତ୍ୟ ପଟ୍ଟନାୟକ, ସୁଶାନ୍ତ ମହାନ୍ତି, ସୁଶୀଲ ନାଏକ, ତପସ୍ୱିନୀ ପାତ୍ର ଓ ସୋନାଲି ଦେବୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଫୁଟ୍‌ବଲ: ସେମିରେ ସାଲେପୁରର ମା' ଜାଗୁଲାଇ ଟିମ୍

ସାଲେପୁର,୨୦।୧୦(ଡି.ଏନ.ଏ.)

ସାଲେପୁର ବ୍ଲକ୍ ଗୋପୀନାଥପୁରସ୍ଥିତ ହରିଡା ପଡିଆରେ ଅନୁଷ୍ଠିତ ନବମ ନବ କିଶୋର ସାହୁ ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତାର ବୁଧବାର ଚତୁର୍ଥ ନକ୍ ଆଉଟ୍ ମ୍ୟାଚ୍‌ରେ କେନ୍ଦ୍ରାପଡ଼ାର ସ୍ୱରଜ କ୍ଲବ ଓ ସାଲେପୁରର ମା' ଜାଗୁଲାଇ କ୍ଲବ ମଧ୍ୟରେ ହୋଇଥିଲା। ଗୋପୀନାଥପୁର ସରପଞ୍ଚ ଦିଲୀପ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସୌଭାଗ୍ୟ ଭୂୟାଁ ଯୋଗଦେଇଥିଲେ। ନବ କିଶୋର ସାହୁଙ୍କ ସ୍ମୃତିରେ ଆୟୋଜିତ ପ୍ରତିଯୋଗିତାର ୪ର୍ଥ ଦିବସ ଖେଳରେ ସାଲେପୁରର ମା' ଜାଗୁଲାଇ ଫୁଟ୍‌ବଲ କ୍ଲବ ବିଜୟୀ ହୋଇ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଖେଳରେ ମା' ଜାଗୁଲାଇ ଫୁଟ୍‌ବଲ ଟିମ୍ ୨/୦ ଗୋଲରେ ସ୍ୱରଜ କ୍ଲବକୁ ପରାସ୍ତ କରିଥିଲା।

## ବରିଷ୍ଠ ନାଗରିକଙ୍କୁ ସଚେତନ କଲା ପୋଲିସ

ବାରଙ୍ଗ,୨୦।୧୦(ଡି.ଏନ୍.ଏ.)

ଆମ ଜୀବନରେ ଟେକ୍ନୋଲୋଜି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆମର ଦୈନନ୍ଦିନ କାର୍ଯ୍ୟକୁ ସରଳ କରିବା ପାଇଁ ଆମେ ଇଣ୍ଟରନେଟ ଏବଂ କମ୍ପ୍ୟୁଟର ଉପରେ ନିର୍ଭର କରିଥାଉ। କିନ୍ତୁ ଅସାବଧାନତା ଯୋଗୁ ସାଇବର ଠକମାନେ ଇଣ୍ଟରନେଟ ମାଧ୍ୟମରେ ହ୍ୟାକ କରି ଠକିଚାଲୁଛନ୍ତି। ଏହି ଠକଙ୍କ କବଳରୁ କିପରି ରକ୍ଷା ପାଇପାରିବା ସେନେଇ ବାରଙ୍ଗ ପୋଲିସ ତରଫରୁ ବରିଷ୍ଠ ନାଗରିକଙ୍କୁ ସଚେତନତାର ବାର୍ତ୍ତା ଦିଆଯାଇଛି। ବୁଧବାର ମଧୁବନସ୍ଥିତ ଏକ ଘରୋଇ କଲେଜ ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ କଟକ ଆଡିଶନାଲ ଏସ୍‌ପି ଅନିଲ କୁମାର ମିଶ୍ର, କଟକ ଜୋନ-୪ ଏସିପି ଚନ୍ଦନ ଘଡାଇ, ବାରଙ୍ଗ ଥାନା ଆଇଆଇସି ଆକାଶ କୁମାର ରଣା, ସାଇବର ସେଲ ଇନ୍ସପେକ୍ଟର ରେଣୁବାଳା ତ୍ରିପାଠୀ ପ୍ରମୁଖ ସଚେତନ କରିଥିଲେ। ସାଇବର ଠକମାନେ ବିଶେଷକରି ଏଥିରେ ବରିଷ୍ଠ ନାଗରିକଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ।

# 'ସାହିତ୍ୟର ପ୍ରସାର କ୍ଷେତ୍ରରେ ସୁଧୀରଙ୍କ ଅବଦାନ ଅତୁଳନୀୟ'

କଟକ ଅଫିସ, ୨୦।୧୦

କଟକ ଶତାବ୍ଦୀବିହାରସ୍ଥିତ ଏକ ମଣ୍ଡପରେ ସାହିତ୍ୟିକ ତଥା ଗବେଷକ ଡ. ସୁଧୀର ଚନ୍ଦ୍ର ମହାନ୍ତିଙ୍କ ସ୍ମୃତିସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଡ. ମହାନ୍ତି ଅନେକ ପୁସ୍ତକ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ସେହିପରି କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଡ. ମହାନ୍ତି ଜଣେ ସଫଳ ଗବେଷକ ଭାବେ ସାହିତ୍ୟର ବିଭିନ୍ନ ଦିଗ ଓ ଦିଗନ୍ତକୁ ଆବିଷ୍କାର କରିଛନ୍ତି। ମୁଖ୍ୟବକ୍ତା ଭାବେ ନାଟ୍ୟକାର ଶୈଳେଶ୍ୱର ନନ୍ଦ ଯୋଗଦେଇ ଭଞ୍ଜ ସାହିତ୍ୟକୁ ପ୍ରଚାର ପ୍ରସାର କରିବାରେ ଡ. ମହାନ୍ତିଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ସଞ୍ଜିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ଦୀନବନ୍ଧୁ ସାହୁ ପ୍ରାରମ୍ଭିକ ସୂଚନା ଓ ସାହିତ୍ୟିକ ରାଜୀବ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୁନ୍ତଳା ବେହେରାଙ୍କ ଲିଖିତ କବିତା 'ପଦ୍ମତୋଳା' ଉନ୍ମୋଚିତ ହୋଇଥିଲା। ରାଜଲକ୍ଷ୍ମୀ ମହାନ୍ତି, ଡ. ସିଦ୍ଧାର୍ଥ ମହାନ୍ତି, ନିବାସ କୁମାର ମିଶ୍ର, ନମିତା ମହାନ୍ତି, ମଞ୍ଜୁଲତା ଜେନା, କାଞ୍ଚି ନାରାୟଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତାରେ ଖାଲ, ଯନ୍ତ୍ରଣା ଭୋଗୁଛନ୍ତି ଯାତ୍ରୀ

କଣ୍ଟାପଡା,୨୦।୧୦(ଡି.ଏନ୍.ଏ.)

କଣ୍ଟାପଡା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀନ ୬୦ ନଂ. ରାଜ୍ୟ ରାଜପଥର କଣ୍ଟାପଡାଠାରୁ ଅଡଶପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ପଥଚାରୀ ଓ ଗାଡିଚାଳକ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁଦିନ ଧରି ଏଭଳି ସମସ୍ୟା ଲାଗି ରହିଥିଲେ ମଧ୍ୟ ସମାଧାନ ଦିଗରେ ପଦକ୍ଷେପ ନିଆଯାଉନାହିଁ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହାର ସ୍ଥାୟୀ ସମାଧାନ ପାଇଁ ପଥଚାରୀଙ୍କ ପକ୍ଷରୁ ଦାବି ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ରାସ୍ତାର ୧୫ କିମିଠାରୁ ୩୬ କିମି ପର୍ଯ୍ୟନ୍ତ ଉନ୍ନତୀକରଣ ପାଇଁ ୨୦୧୭ ଫେବୃୟାରୀରେ ଏକ ଠିକାସଂସ୍ଥାକୁ ୩୬



୬୦ନଂ. ରାଜ୍ୟ ରାଜପଥର ଶିଶୁଆ ନିକଟରେ ହୋଇଥିବା ଖାଲ।

କୋଟି ଟଙ୍କା ବ୍ୟୟରେ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି କାର୍ଯ୍ୟ ୨ ବର୍ଷମଧ୍ୟରେ ସାରିବାକୁ ଚୁକ୍ତି ହୋଇଥିଲା। ହେଲେ ଅଦ୍ୟାବଧି ତାହା ଶେଷ ହୋଇନାହିଁ। ଅପରପକ୍ଷେ ଚୁକ୍ତି ପୂର୍ଣ୍ଣହେବାର ୩ବର୍ଷ ପର୍ଯ୍ୟନ୍ତ ଉକ୍ତ ରାସ୍ତାର ମରାମତି ଦାୟିତ୍ୱ ସମ୍ପୃକ୍ତ ଠିକାସଂସ୍ଥା ଉପରେ ନ୍ୟସ୍ତ ରହିଛି। ହେଲେ ତାହା ପାଳନ କରିବାରେ ସମ୍ପୃକ୍ତ ଠିକାଦାର ପଦକ୍ଷେପ ନେଉ ନ ଥିବା ଦେଖାଯାଇଛି। ଫଳରେ କଣ୍ଟାପଡାଠାରୁ ଅଡଶପୁର ମଧ୍ୟରେ ରାସ୍ତା ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ପ୍ରତିଦିନ ଶତାଧିକ ଯାନବାହନ ଉକ୍ତ ରାସ୍ତାଦେଇ କଟକ, ଭୁବନେଶ୍ୱର, ପୁରୀ ଓ କୋଣାର୍କ ଆଦିସ୍ଥାନକୁ ଯାତାୟାତ କରିଥାଏ। ଏପରି ସ୍ଥଳେ ଯାତ୍ରୀମାନେ ଯନ୍ତ୍ରଣା ଭୋଗୁଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଠିକା ସଂସ୍ଥା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। କଣ୍ଟାପଡା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରସନ୍ନ ମହାନ୍ତି କହିଛନ୍ତି, ରାସ୍ତା ମରାମତି ପାଇଁ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆହୋଇଛି। କଟକ ଜିଲା ପୂର୍ତ୍ତ ବିଭାଗ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ଅନୁପ କୁମାର ବେହେରା କହିଛନ୍ତି, ଖୁବ୍‌ଶୀଘ୍ର ଏହି ରାସ୍ତା ମରାମତି କାମ ଆରମ୍ଭ ହେବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୁବ୍ରତ



@ ରାଜେଶ



@ ରବିନାରାୟଣ



@ କାର୍ତ୍ତିକ



@ ଶୀତଲ୍



@ ମିହିର



@ ବିଶ୍ୱଜିତ୍

# ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ଟ୍ରିଟ୍‌ମେଣ୍ଟ ଅନ୍ ହୁଇଲ୍ ଶୁଭାରମ୍ଭ

କଟକ ଅଫିସ,୨୦।୧୦

ଗ୍ରାମାଞ୍ଚଳର ଗରିବ ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ଟ୍ରିଟ୍‌ମେଣ୍ଟ ଅନ୍ ହୁଇଲ ବୁଧବାର ଶୁଭାରମ୍ଭ ହୋଇଛି। ଏଥିରେ ଆନୁଷଙ୍ଗିକ ସୁବିଧା, ଆମ୍ବୁଲାନ୍ସରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ପରାମର୍ଶ ଦେବା ପାଇଁ ଡାକ୍ତର ରହିବା ବ୍ୟବସ୍ଥା ହୋଇଛି। ହସ୍ପିଟାଲର ଡାକ୍ତର, ନର୍ସ ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଯାଇ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବେ। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥଙ୍କ ପରାମର୍ଶରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର କରଞ୍ଜି ପଞ୍ଚାୟତରେ ଏହି ସେବା ଯୋଗାଇ ଦିଆଯାଇଛି। ଡା. ପିନାକୀ ପ୍ରସାଦ ସ୍ୱାଇଁ, ଡା. ଶୁଭାଶିଷ ନାୟକ, ରୋହିତ୍ ମହାପାତ୍ରଙ୍କ ସମେତ ଅନ୍ୟମାନେ ଏଥି ଅଭିଯାନରେ ସାମିଲ ହୋଇଛନ୍ତି।



## ସଂକ୍ଷେପରେ

### କରୋନା କଟକଣା ଯୋଗୁ ବାଙ୍କୀ ମହୋତ୍ସବ ସ୍ଥଗିତ

ବାଙ୍କୀ,୨୦।୧୦(ସ୍ୱ.ପ୍ର.)

ବାଙ୍କୀ ମହୋତ୍ସବ ପ୍ରତିବର୍ଷ ଇଷ୍ଟଦେବୀ ମା’ଚର୍ଚ୍ଚିକାଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ସ୍ଥାନୀୟ କଚେରି ପଡିଆଠାରେ ଆରମ୍ଭ କରାଯାଇଥାଏ। କିନ୍ତୁ କୋଭିଡ୍ କଟକଣା ଯୋଗୁ ଚଳିତବର୍ଷ ବାଙ୍କୀ ମହୋତ୍ସବ ସ୍ଥଗିତ ରଖାଯାଇ ଚର୍ଚ୍ଚିକାଙ୍କ ପୀଠରେ ପୂଜାର୍ଚ୍ଚନା ଓ ଦୀପଦାନ କରାଯାଇ ପାରମ୍ପରିକ ରୀତିରେ ପାଳନ କରାଯାଇଛି। ସମଗ୍ର ବିଶ୍ୱ କିପରି କରୋନାମୁକ୍ତ ହୋଇପାରିବ, ସେଥିପାଇଁ ମା’ଙ୍କ ପାଖରେ ପ୍ରାର୍ଥନା କରାଯାଇଥିଲା। କୋଭିଡ କଟକଣା ଦୃଷ୍ଟିରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସଭା ସମିତି ସ୍ଥଗିତ ରଖାଯାଇଛି। ମହୋତ୍ସବ କମିଟି ସଭାପତି ପ୍ରଭାତ କୁମାର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଉପସଭାପତି ଆଇନଜୀବୀ ସନ୍ତୋଷ କୁମାର ରଣା, ପ୍ରତାପ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ, କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ସୌମେନ୍ଦ୍ର ମିଶ୍ର ପ୍ରମୁଖ ଏକ ମିଳିତ ବିବୃତିରେ ପ୍ରକାଶ କରିଛନ୍ତି।

### ମା’ ଖର୍ପରଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ

ବାଙ୍କୀ,୨୦।୧୦(ସ୍ୱ.ପ୍ର.)

ଡମପଡା ବ୍ଲକ ସାମନ୍ତରାପୁରଠାରେ ରାଜ ପ୍ରତିଷ୍ଠିତ ମା’ ଖର୍ପରଚଣ୍ଡୀଙ୍କ ମନ୍ଦିରରେ ମା’ଙ୍କ ବୁଧବାର ରାଜରାଜେଶ୍ୱରୀ ମହାଲକ୍ଷ୍ମୀ ବେଶ କୋଭିଡ୍ କଟକଣାରେ ପୂଜକ କାହ୍ନୁ ଚରଣ ରଣାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ମୂଳା ଅଷ୍ଟମୀଠାରୁ ଆରମ୍ଭ ହୋଇ ଦଶହରା ପର୍ଯ୍ୟନ୍ତ ମା’ଙ୍କ ଶାରଦୀୟ ପୂଜା ଶେଷ ପରେ ବୁଧବାର ମା’ଙ୍କ ଏହି ବେଶ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ମନମୋହନ ସାହୁ, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ରଥ, କୋଷାଧ୍ୟକ୍ଷ ତାପସ କୁମାର ରଥ, ନୀଳମଣି ପ୍ରଧାନ, ମୁରଲୀ ଧର ରଥ, ପର୍ଶୁରାମ ରଣା ପ୍ରମୁଖ ମା’ଙ୍କ ପୂଜା ସମ୍ପାଦନାରେ ସହଯୋଗ କରିଥିଲେ।

### ଶୂନ୍ୟ ଆଶ୍ରମରେ ଚାରାରୋପଣ

ବାଙ୍କୀ,୨୦।୧୦(ସ୍ୱ.ପ୍ର.)

କୁମାର ପୂର୍ଣ୍ଣିମା ଅବସରରେ ଡମପଡ଼ା ବ୍ଲକ ଅନ୍ତର୍ଗତ ଢ଼ଁସର ପଞ୍ଚାୟତର ଶୂନ୍ୟ ଆଶ୍ରମରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ବନ୍ଧୁ ବଳରାମ ପାଇକରାୟଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଶ୍ରମର ଶ୍ୟାମ ବାବା, ଭକ୍ତ ସୁଶାନ୍ତ କୁମାର ସାହୁ, ସନ୍ତୋଷ କୁମାର କରଣ, ଦୟାନିଧି ରାଉତ, ଭରତ ଚନ୍ଦ୍ର ରାଉତ, ଦାସରଥି ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

### ଅଭୀପ୍ସା ପକ୍ଷରୁ କୁମାର ଉତ୍ସବ ପାଳିତ

କଟକ ଅଫିସ,୨୦।୧୦- ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଭୀପ୍ସା ପକ୍ଷରୁ ମଙ୍ଗଳାବାଗ ସ୍ଥିତ ଶୈଳଜା କାର୍ଯ୍ୟାଳୟରେ ବୁଧବାର କୁମାର ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସଂଗ୍ରାମ କେଶରୀ ନାୟକ ଅଧକ୍ଷତା କରିଥିଲେ। ଏହି ଅବସରରେ କୁମାରୀମାନଙ୍କ ମଧ୍ୟରେ ଦଉଡିଡିଆଁ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଜୟୀ ହୋଇଥିବା ଶ୍ୱେତାଲୀନ ସାହୁ, ପୂଜା ସେଠୀ, ସୋନାଲି ସେଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁଲତା ପଣ୍ଡା, ପୁଷ୍ପିତା ମହାପାତ୍ର, ପ୍ରକାଶ ଚନ୍ଦ୍ର ସିଲ୍ ପ୍ରମୁଖ ଉପସ୍ଥିତ ଥିଲେ।

# ମଙ୍ଗୁଳି ଦେଇ ପରମିଟ, ସିଡିଏ ରୋଡ୍‌ରେ ଚାଲୁଛି ବସ୍

■ଦୁର୍ଘଟଣା ଘଟିଲେ ମିଳିବ ନାହିଁ ବୀମା
■ରାସ୍ତା ଉପରେ ଚାପ

କଟକ ଅଫିସ,୨୦।୧୦

ବସ୍ କେଉଁ ରୁଟ୍‌ରେ କେଉଁଠିକୁ ଯିବ, ସେନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ଙ୍କଠାରୁ ରୁଟ୍ ପରମିଟ୍ ବା ଅନୁମତି ମିଳିଥାଏ। ସେହି ଅନୁସାରେ ଟଙ୍କା ପଇଠ କରାଯାଇଥାଏ। ଏଥିସହ ବୀମା ବାବଦକୁ ବାର୍ଷିକ ଲକ୍ଷାଧିକ ଟଙ୍କା ମଧ୍ୟ ବସ୍ ମାଲିକମାନେ ଦେଇଥାନ୍ତି। ଯଦି କୌଣସି ବସ୍ ପରମିଟ୍ ଥିବା ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୁଏ ଓ ଏଥିରେ କାହାର ମୃତ୍ୟୁ ଘଟେ ତେବେ ଉଭୟ କ୍ଷତିଗ୍ରସ୍ତ ବସ୍ ଓ ମୃତ ବ୍ୟକ୍ତିଙ୍କୁ ବୀମା କମ୍ପାନୀ ପକ୍ଷରୁ ଅନୁକମ୍ପାମୂଳକ ରାଶି ମିଳିଥାଏ। କିନ୍ତୁ ଏବେ ୫୦ରୁ ଊର୍ଦ୍ଧ୍ୱ ବସ ଖୋଲାଖୋଲି ନିୟମ ଉଲ୍ଲଂଘନ କରି ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ବିଶେଷକରି ଏହି ବସ୍‌ଗୁଡିକ କଟକରୁ ରାଉରକେଲା, ସମ୍ବଲପୁର, ଝାରସୁଗୁଡା, ବଲାଙ୍ଗୀର ଆଡେ ଯାଉଛି। ବସ୍‌ର ପରମିଟ୍ ମଙ୍ଗୁଳିଦେଇ ଯିବାପାଇଁ ଥିବାବେଳେ ହାଇକୋର୍ଟ, ସିଡିଏଦେଇ ଚାଲୁଛି। ଫଳରେ ବସ୍ ଉକ୍ତ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହେଲେ ମୃତାହତଙ୍କୁ ବୀମାରାଶି ମିଳିବ ନାହିଁ। ବୀମା କମ୍ପାନୀ ପକ୍ଷରୁ ସ୍ପଟ ଭେରିଫିକେଶନ କରାଯିବାବେଳେ ଅନୁମତିର ଖୋଲା ଉଲ୍ଲଂଘନ କରିଥିବାରୁ ବୀମା ରାଶି ମିଳିବ ନାହିଁ। ସେହିପରି ବାଇକ୍, କାର ଚଳାଚଳ କରିବା ପାଇଁ ଉକ୍ତ ନଦୀବନ୍ଧରେ ରାସ୍ତା ନିର୍ମାଣ କରାଯାଇଛି। ବଡ ଓ ଭାରି ବସ୍ ଚାଲିଲେ ଉକ୍ତ ରାସ୍ତା ଦବିବା ସହ ପାଣି ପାଇପ ଫାଟିବା ନଜିର ରହିଛି। ସେହିପରି ମଙ୍ଗୁଳି, ଚୌଦ୍ୱାର ଆଦି ଅଞ୍ଚଳରୁ ରାଉରକେଲା, ସମ୍ବଲପୁର ଯିବାକୁ ଆଶାୟୀ ଯାତ୍ରୀ ହଇରାଣ ହେଉଛନ୍ତି। ତୁରନ୍ତ ଏ ଦିଗରେ ଦୃଷ୍ଟି ଦିଆଯିବା ପାଇଁ ଯାତ୍ରୀମାନଙ୍କ ପକ୍ଷରୁ ଦାବି ହେଉଛି।




## ଏମାନେ କ’ଣ କୁହନ୍ତି...



“ କଟକ, ଭୁବନେଶ୍ୱରରୁ ବିଭିନ୍ନ ସହରକୁ ଜାତୀୟ ରାଜପଥରେ ଯିବାପାଇଁ ପରମିଟ ରହିଥାଏ। କିନ୍ତୁ କଟକ ବାଦାମବାଡିରୁ ରାଉରକେଲା, ସମ୍ବଲପୁର ଆଡକୁ ଯାଉଥିବା ବସ୍ ଏବେ ସିଡିଏ ବାଟଦେଇ ବାଲିରେ ବାହାରୁଛି। ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବାରୁ ବସ୍‌ଗୁଡିକ ମଙ୍ଗୁଳିଦେଇ ଯାଉନାହିଁ। କିନ୍ତୁ ଏହା ଉଚିତ ନୁହେଁ। ଏହାଦ୍ୱାରା ପରମିଟ ନ ଥିବା ରାସ୍ତାରେ ଦୁର୍ଘଟଣା ଘଟିଲେ ମୃତାହତଙ୍କୁ ବୀମା ରାଶି ମିଳିବ ନାହିଁ।

**-ଅଜୟ ବାରିକ, ସମ୍ପାଦକ, କଟକ ବସ୍ ମାଲିକ ସଂଘ**



“ ବସ୍ ଅନ୍ୟ ରୁଟ୍‌ରେ ଚଳାଚଳ କରିବା ବିଷୟରେ ମୋ ପାଖରେ ଖବର ନାହିଁ। ତଥାପି ଏ ସମ୍ପର୍କରେ ଯାଞ୍ଚ କରାଯିବ।

**-ଅରୁଣ ବୋଥ୍ରା, ରାଜ୍ୟ ପରିବହନ କମିଶନର**



“ କଟକ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରା କହିଛନ୍ତି, ବସ୍‌ଗୁଡିକ ଜାତୀୟ ରାଜପଥରେ ବିଭିନ୍ନ ସହରକୁ ଚଳାଚଳ ପାଇଁ ଅନୁମତି ରହିଥାଏ। ତେବେ ହାଇକୋର୍ଟ, ସିଡିଏ ରାସ୍ତାଦେଇ ବାଲିରେ ବାହାରୁଥିବା ବସ୍ ଯାତାୟାତ ପାଇଁ ଆମ ଅଫିସରୁ ଅନୁମତି ଦିଆଯାଇନାହିଁ।

**-ସଞ୍ଜୟ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ, କଟକ**

## କାଠଯୋଡ଼ିରୁ ଯୁବକଙ୍କ ମୃତଦେହ ଜବତ

କଟକ ଅଫିସ,୨୦।୧୦

କଟକ ସଦର ଥାନା ଅଧୀନ କାଠଯୋଡି ନଦୀରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଭୁବନେଶ୍ୱର ଖାରବେଳ ନଗର ୟୁନିଟ୍-୩ ଅଞ୍ଚଳର ସପନ ବେହେରା(୩୧)। ପୋଲିସ ସୂଚନା ଅନୁଯାୟୀ, ସପନ ଏକ ଘରୋଇ କୋରିୟର କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ମଙ୍ଗଳବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ କଟକ ସ୍କୁଟି(ଓଆର୦୨ବିଆର-୭୯୫୬)ରେ ଯାଉଥିଲେ। କାଠଯୋଡି ପୋଲ ଉପରେ ସ୍କୁଟି ରଖି ହଠାତ୍ ନଦୀକୁ ଡେଇଁ ପଡ଼ିଥିଲେ। ବୁଧବାର ସକାଳେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ୍ ସହାୟତାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇଥିଲା। ଏନେଇ କଟକ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସପନଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଆର୍ଥିକ ସମସ୍ୟା ଯୋଗୁ ସେ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି ବୋଲି ପରିବାର ଲୋକେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

## ‘ଓଡ଼ିଶା ଗୀତିନାଟ୍ୟର ମୁକୁଟବିହୀନ ସମ୍ରାଟ୍’

**ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉଦ୍‌ଘାଟିତ**

ମାହାଙ୍ଗା,୨୦।୧୦(ସ୍ୱ.ପ୍ର.)

ଗଣକବି ବୈଷ୍ଣବ ପାଣିଙ୍କ ୧୩୯ତମ ଜୟନ୍ତୀ ଜନ୍ମପୀଠ ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତ କୋଠପଦାଠାରେ ବୁଧବାର ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସାହିତ୍ୟ ସଭା ଓ ପୁସ୍ତକ ଉନ୍ମୋଚନ ଉତ୍ସବରେ ଆଇନମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଥିଲେ, ଗଣକବି ବୈଷ୍ଣବ ପାଣି ଓଡ଼ିଶାର ଗୀତିନାଟ୍ୟ ଜଗତର ମୁକୁଟ ବିହୀନ ସମ୍ରାଟ୍ ଥିଲେ। ପ୍ରାରମ୍ଭରେ ମନ୍ତ୍ରୀ ଜେନା ଗଣକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରାକ୍ତନ ସରପଞ୍ଚ ସୁବାସ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ସଭାରେ ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ କୁମାର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ସାମାଜିକ କର୍ମୀ ରାଧାନାଥ ରାଉତ ଯୋଗଦେଇଥିଲେ। ଏଥିରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀଙ୍କ ରଚିତ ‘ଆସ ବୁଲିଯିବା ପର୍ଯ୍ୟଟନ କ୍ଷେତ୍ର’ ଏବଂ ‘ବିଜ୍ଞାନ ଓ ବୈଜ୍ଞାନିକ’, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ରଙ୍କ ରଚିତ ‘ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ଏକ ସମାଜ ଶାସ୍ତ୍ରୀୟ ଅଧ୍ୟୟନ’ ପୁସ୍ତକକୁ ମନ୍ତ୍ରୀ ଜେନା ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ନିଖିଳେଶପଦ ମହାନ୍ତି, ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଦାସ, ପନ୍ନଗ ଭୂଷଣ ଦାସ, ପ୍ରଶାନ୍ତ ପଟ୍ଟନାୟକ, ଲକ୍ଷ୍ମୀଧର ବେହେରା, ରଘୁନାଥ ଜେନା, ରାମଚନ୍ଦ୍ର ମହାପାତ୍ର, ହେମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ‘ସୁସ୍ଥ ସମାଜ ଗଠନରେ ଗଣକବିଙ୍କ ପ୍ରୟାସ ପ୍ରଶଂସନୀୟ’



ଖାନ୍‌ନଗରସ୍ଥିତ ପାର୍କରେ ଥିବା ଗଣକବିଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହ ଅନ୍ୟମାନେ।

■ଜନ୍ମସ୍ଥାନରେ ନିର୍ମିତ ହୋଇଛି ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତି
■ବୈଷ୍ଣବଙ୍କ ନାଁରେ ଦିଆଯାଉଛି ପୁରସ୍କାର

କଟକ ଅଫିସ, ୨୦।୧୦

ନାଟ୍ୟ ଜଗତର ଅମ୍ଳାନ ପ୍ରତିଭା, ମହାନ୍ ସଂଗ୍ରାମୀ, ସମାଜ ସଂସ୍କାରକ କବି ବୈଷ୍ଣବ ପାଣିଙ୍କ ତ୍ୟାଗପୂତ ଜୀବନ ସମସ୍ତଙ୍କ ପାଇଁ ଅନୁକରଣୀୟ। ଓଡ଼ିଆ ଭାଷା, ସାହିତ୍ୟ, ନାଟକ କ୍ଷେତ୍ରରେ ଗଣକବିଙ୍କ ଅବଦାନ ଅତୁଳନୀୟ। ମହିଳାମାନଙ୍କୁ ସଶକ୍ତ କରିବା ତାଙ୍କ ଜୀବନର ଅନ୍ୟ ଏକ ମାର୍ଗଦର୍ଶନ ଥିଲା। ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରି ସୁସ୍ଥ ସମାଜ ଗଠନ କରିବା ଦିଗରେ ଗଣକବିଙ୍କ ପ୍ରୟାସ ବାସ୍ତବିକ ପ୍ରଶଂସନୀୟ ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

କଟକ ଖାନ୍‌ନଗରସ୍ଥିତ ଗଣକବି ବୈଷ୍ଣବ ପାଣି ପାର୍କଠାରେ ଜିଲା ପ୍ରଶାସନ ଓ ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଜେନା କହିଥିଲେ, ଗଣକବିଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ପାଣି ରହୁଥିବା ମଠର ଉନ୍ନତି ନିମନ୍ତେ ରାଜ୍ୟ ସରକାର ୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅଦ୍ୟାବଧି ୭୦ ଲକ୍ଷ ଟଙ୍କା ବିନିଯୋଗ ହୋଇସାରିଛି। ପାଣିଙ୍କ ଜନ୍ମସ୍ଥାନ ମାହାଙ୍ଗାର କୋଠପଦାଠାରେ ଏକ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏଥିସହ ପ୍ରତିଷ୍ଠିତ ଲେଖକ, କବି, ଅଭିନେତା, ଅଭିନେତ୍ରୀ ଓ ଗୀତିକାରମାନଙ୍କୁ ଗଣକବିଙ୍କ ନାମରେ ପୁରସ୍କାର ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ଜେନା କହିଥିଲେ। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଡ. ବିଜୟାନନ୍ଦ ସିଂ, ଡା. ରବିରଞ୍ଜନ ସାହୁ, ଗଣକବି ସାଂସ୍କୃତିକ ସଂସଦ ସଙ୍ଗଠନ ସମ୍ପାଦକ ବିଶେଶ୍ୱର ମହାନ୍ତି, ସୁକାନ୍ତ ଷଡଙ୍ଗୀ, କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀ, ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## କୁମାର ପୂର୍ଣ୍ଣିମାରେ ଦେବୀ ଚର୍ଚ୍ଚିକାଙ୍କ କୁମାରୀ ବେଶ

ବାଙ୍କୀ,୨୦।୧୦(ସ୍ୱ.ପ୍ର.)

ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ବାଙ୍କୀର ଆରାଧ୍ୟା ଦେବୀ ମା’ ଚର୍ଚ୍ଚିକାଙ୍କ କୁମାରୀ ବେଶ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ କୋଭିଡ କଟକଣାକୁ ଦୃଷ୍ଟିରେ ରଖି ଅଳ୍ପ ସଂଖ୍ୟକ ଭକ୍ତ ଦର୍ଶନ କରୁଛନ୍ତି। ସେବାୟତମାନେ ବିଧି ଅନୁଯାୟୀ ମା’ଙ୍କ ପୂଜାର୍ଚ୍ଚନା ଓ ବେଶ କରୁଛନ୍ତି। ବୁଧବାର ଭୋର ସାଢେ ୪ଟାରେ ମନ୍ଦିର ପହଡ ଖୋଲିଲା ପରେ ଦୈନିକ ନୀତିକାନ୍ତି ପରେ ସକାଳ ବେଶ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କୁମାର ପୂର୍ଣ୍ଣିମାରେ ଦେବୀଙ୍କ ବିଶେଷ କୁମାରୀ ବେଶ ଅପରାହ୍ନ ମାଜଣା ପରେ କରାଯାଇଥିଲା। ଦେବୀଙ୍କୁ ଏହି ବେଶ ରେ କେତକୀ ଫୁଲ ଅର୍ପଣ କରାଯାଇଥାଏ। ଏହି ବେଶରେ ରାତ୍ର ପହଡ ପର୍ଯ୍ୟନ୍ତ ମା’ ରହିଥାନ୍ତି। ପୁରାଣରେ ଉଲ୍ଲେଖ ଅଛି, କୁମାର ପୂର୍ଣ୍ଣିମା ସନ୍ଧ୍ୟାରେ ସମୁଦ୍ର ମନ୍ଥନରୁ ମହାଲକ୍ଷ୍ମୀ ଆବିର୍ଭାବ ହୋଇଥିଲେ। କୁମାର ପୂର୍ଣ୍ଣିମା ତିଥିରେ ଦେବୀ ଲକ୍ଷ୍ମୀ କୁମାରୀ ଅବସ୍ଥାରେ ଥିବାରୁ ଆବାହନ କାଳରୁ ବାଙ୍କୀ ପର୍ଶୁରାମ ପୀଠରେ ଦେବୀ ଚର୍ଚ୍ଚିକାଙ୍କ କୁମାରୀ ବେଶ ଅନୁଷ୍ଠିତ ହୋଇଆସୁଛି। ମା’ଙ୍କ ଦୁର୍ଲଭ ବେଶକୁ ମନ୍ଦିର ଟ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ର, ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ଉପସଭାପତି ସନ୍ତୋଷ ରଣା, ସମ୍ପାଦକ ନୀଳମଣି ମହାପାତ୍ର, ସଭ୍ୟ ଶରତ ଚନ୍ଦ୍ର ମହାପାତ୍ର, ଋଷି କୁମାର ରଣା ପରିଚାଳନା କରିଥିଲେ।

## ‘ଗୁରୁପଦ ଥିଲେ ଲୋକପ୍ରିୟ ରାଜନେତା’

ସାଲେପୁର,୨୦।୧୦(ଡି.ଏନ.ଏ.)

ସାଲେପୁର ବ୍ଲକ ଅନ୍ତର୍ଗତ ରଟିଲୋ ପଞ୍ଚାୟତସ୍ଥିତ ବୋଇଲ ସ୍ୱପ୍ନେଶ୍ୱର ବାଳାଶ୍ରମ ପରିସରରେ ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ଗୁରୁପଦ ନନ୍ଦଙ୍କର ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଅତିଥିମାନେ ଗୁରୁପଦ ଜଣେ ଲୋକପ୍ରିୟ ରାଜନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ନନ୍ଦଙ୍କ ଜ୍ୟେଷ୍ଠପୁତ୍ର ରୋମିଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ ଯୋଗଦେଇ ଗୁରୁପଦଙ୍କ ସହ ତାଙ୍କ ଦୀର୍ଘଦିନର ସମ୍ପର୍କ ଅବତାରଣ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସାଲେପୁର ବ୍ଲକ ଆମ୍ବା ସଭାପତି ଦିଲୀପ ଦାଶ, ବାଳାଶ୍ରମର ସଭାପତି ତ୍ରିଲୋକ୍ୟ ପଣ୍ଡା ପୌରୋହିତ୍ୟ କରିଥିବାବେଳେ ଶିକ୍ଷାବିତ୍ ବିଷ୍ଣୁ ଚରଣ ମିଶ୍ର ସଂଯୋଜନା କରିଥିଲେ। ଶାରଦା ପ୍ରସନ୍ନ ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀ ଯୋଗ ଦେଇ ଗୁରୁପଦ ଜଣେ ଦରଦୀ ମଣିଷ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମନୋଜ ଆଚାର୍ଯ୍ୟ, ସାଲେପୁର ପଞ୍ଚାୟତ ସମିତି ପ୍ରାକ୍ତନ ଅଧ୍ୟକ୍ଷ ରବୀନ୍ଦ୍ର ନାଥ କର, ଭାଜପା ନେତା ସତ୍ୟବାଦୀ ଚଇନି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗବତ ପରିଡ଼ା, ଡା. ସଂଜିତ ପଣ୍ଡା, ଅଧ୍ୟାପକ ଧରଣୀଧର ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଗୁରୁପଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାରେ ସ୍ୱର୍ଗତ ନନ୍ଦଙ୍କ ବୋହୂ କସ୍ତୁରୀ ନନ୍ଦ, ଝିଅ ସରିତା ନନ୍ଦ, ଡା. କାଳୀକା ପ୍ରସାଦ ଦାଶ, ଡା. ସଞ୍ଜିତ ପଣ୍ଡାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ।

## ଜମାକାରୀଙ୍କ ଆକାଉଣ୍ଟରୁ ୭୮ ଲକ୍ଷ ତୋସରପାତ

**ସମବାୟ ମିନିବ୍ୟାଙ୍କ ଅର୍ଥ ତୋସରପାତ ଘଟଣା**

କଟକ ସଦର, ୨୦।୧୦ (ଡି.ଏନ.ଏ.)

କଟକସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସମବାୟ ସମିତି ଦ୍ୱାରା ପରିଚାଳିତ ସମବାୟ ମିନିବ୍ୟାଙ୍କର ଜମା ଅର୍ଥ ତୋସରପାତ ଘଟଣାର ତଦନ୍ତ ଶେଷ ହୋଇଛି। ପ୍ରାୟ ୭୮ ଲକ୍ଷ ଟଙ୍କା ଜମାକାରୀଙ୍କ ଆକାଉଣ୍ଟରୁ ଚଞ୍ଚକତା କରି ଉଠାଇ ନିଆଯାଇଥିବା ତଦନ୍ତରୁ ଜଣାପଡିଛି। ଏହି ଘଟଣାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ କଟକସ୍ଥିତ ସହକାରୀ ସମବାୟ ନିବନ୍ଧକ ଚିତ୍ତରଞ୍ଜନ ମହାପାତ୍ରଙ୍କ ପାଖକୁ ତଦନ୍ତ ରିପୋର୍ଟ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ଅନସୂୟା ମଲ୍ଲ କହିଛନ୍ତି। ଉକ୍ତ ଘଟଣାରେ ମିନିବ୍ୟାଙ୍କର କ୍ୟାଶିୟର ଦୀପ୍ତି କୁମାର ପଟ୍ଟନାୟକଙ୍କ ସମ୍ପୃକ୍ତି ଥିବାରୁ ତାଙ୍କ ନାମରେ କନ୍ଦରପୁର ଥାନାରେ ମାମଲା ରୁଜୁ ହୋଇଛି। ଏହି ବ୍ୟାଙ୍କର ଜମାକାରୀଙ୍କ ଆକାଉଣ୍ଟରୁ ଚଞ୍ଚକତା କରି ଅର୍ଥ ତୋସରପାତ କରାଯାଇଥିଲା। ଏ ନେଇ ସେପ୍ଟେମ୍ବର ୧୯ ତାରିଖରେ ଜମାକାରୀମାନେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ରାଜ୍ୟ ସମବାୟ ନିବନ୍ଧକ ସୁଶାନ୍ତ କୁମାର ସେଠୀ ଏହାର ତଦନ୍ତ ପାଇଁ ମଲ୍ଲଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଦୀପ ନିଆଁରୁ ଅଗ୍ନିକାଣ୍ଡ

କଟକ ଅଫିସ,୨୦।୧୦

କଟକ ମାଣିକଘୋଷ ବଜାର ଅଞ୍ଚଳର ଏକ କୋଠାରେ ବୁଧବାର ଅପରାହ୍ନ ୨ଟାରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ୨ ବଖରାରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ଯାଇଛି। ମିଳିଥିବା ସୂଚନା ମୁତାବକ, ଉକ୍ତ କୋଠାର ପ୍ରଥମ ମହଲାରେ ରହୁଥିବା ଜଣେ ବୃଦ୍ଧା ଘରେ ଦୀପ ଲଗାଇଥିଲେ। ଏହି ଦୀପରୁ ଏକ ଜରି ମାଧ୍ୟମରେ ନିଆଁ ବ୍ୟାପି ଯାଇଥିଲା। ଖବରପାଇ ବକ୍ସିବଜାର ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୁଇଟି ଦମକଳ ଗାଡ଼ି ସହାୟତାରେ ପ୍ରାୟ ୨ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ତେବେ ଘରେ ରହୁଥିବା ବୃଦ୍ଧାଜଣକ ସୁରକ୍ଷିତ ରହିଥିବା ସହକାରୀ ଅଗ୍ନିଶମ ଅଧିକାରୀ ଅବନୀ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।



ନିଆଁରେ ଜଳି ଯାଉଥିବା ଆସବାବପତ୍ର।

## ଶ୍ରେଣୀଗୃହରେ ପାଠ ପଢ଼ିବାକୁ ପିଲା ଉତ୍ସାହିତ

କଟକ ଅଫିସ,୨୦।୧୦- କରୋନା କଟକଣା ମଧ୍ୟରେ ଅଷ୍ଟମ ଓ ଏକାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ନବମ, ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ଖୋଲିଥିବାବେଳେ ଆସନ୍ତା ୨୧ ତାରିଖରୁ ଏକାଦଶ ଓ ୨୫ ତାରିଖରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହରେ ବସି ପାଠ ପଢିବେ। ଏଥିପାଇଁ ସେମାନେ ଉତ୍ସାହିତ ଥିବାବେଳେ ସରକାରଙ୍କ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ସେମାନେ ଖୁସିବ୍ୟକ୍ତ କରିଛନ୍ତି। କରୋନା ପାଇଁ ଅଭିଭାବକମାନେ ସାମାନ୍ୟ ଚିନ୍ତିତ ଥିବାବେଳେ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

### ପାଠ ପ୍ରତି ଆଗ୍ରହ ବଢ଼ିବ



ସରକାରଙ୍କ ଏସ୍‌ଓପି ମୁତାବକ ସମସ୍ତ ବିଇଓଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ପ୍ରାୟ ସ୍କୁଲର ସଫେଇ କାର୍ଯ୍ୟ ଶେଷ ହେବା ଉପରେ। ପିଲାଙ୍କୁ ବୁଝାଇ ସ୍କୁଲ ଛାଡିବା ପାଇଁ ଅଭିଭାବକଙ୍କୁ ଅନୁରୋଧ କରୁଛି। ଫଳରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପାଠ ପଢିବା ପ୍ରତି ଆଗ୍ରହ ବଢିବ।

-କୃଷ୍ଣଚନ୍ଦ୍ର ନାୟକ, ଡିଇଓ

### ସନ୍ଦେହ ଦୂର ହେବ



ସ୍କୁଲ ବନ୍ଦ ଯୋଗୁ ଅନ୍‌ଲାଇନ କ୍ଲାସ କରୁଛୁ। ହେଲେ ଏଥିରେ ବିଭିନ୍ନ ବିଷୟରେ ଥିବା ସନ୍ଦେହ ଦୂର ହୋଇପାରୁନାହିଁ। ଶ୍ରେଣୀଗୃହରେ ସିଧାସଳଖ ଶିକ୍ଷୟିତ୍ରୀଶିକ୍ଷକମାନେ ବିଭିନ୍ନ ବିଷୟରେ ଶିକ୍ଷାଦାନ କରିବେ। ଏହାଦ୍ୱାରା ପାଠପଢାସହଜହେବାସହବୁଝିବାସହଜହେବ।

-ଚିନ୍ମୟ ପ୍ରସାଦ ସାହୁ,ଏକାଦଶ ଛାତ୍ର

### ଶ୍ରେଣୀଗୃହ ଶିକ୍ଷା ସବୁଠୁ ଭଲ



ସରକାରଙ୍କ ଏଭଳି ନିଷ୍ପତ୍ତିରେ ମୁଁ ଖୁସି। ସ୍କୁଲ ବନ୍ଦ ଯୋଗୁ ପାଠପଢା ଭଲଭାବେ ହୋଇପାରୁ ନ ଥିଲା। ଏବେ ସ୍କୁଲ ଖୋଲିଲେ ସବୁ ଠିକ୍ ହେବ। ଶ୍ରେଣୀଗୃହ ଶିକ୍ଷା ସବୁଠୁ ଭଲ। ଏହାଦ୍ୱାରା ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହିଥାଏ। ତେବେ ଆମ ସମସ୍ତଙ୍କୁ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରିବାକୁ ପଡ଼ିବ।

-ସ୍ୱୟଂଶ୍ରୀ ମହନ୍ତ, ଅଷ୍ଟମ ଶ୍ରେଣୀ ଛାତ୍ରୀ

### ମନରେ ଭୟ ରହିଛି



କରୋନାକୁ ନେଇ ଏବେ ମନରେ ଭୟ ରହିଛି। ଗୋଟିଏ ପଟେ ପିଲାଙ୍କ ଭବିଷ୍ୟତ ଓ ଅନ୍ୟପଟେ ଜୀବନ ସୁରକ୍ଷା କଥା ଭାବିବାକୁ ପଡୁଛି। ଉଭୟ ଆମପାଇଁ ମୂଲ୍ୟବାନ। ସତର୍କତାମୂଳକ ପଦକ୍ଷେପ ନିଆଯାଇ ଶିକ୍ଷାଦାନ ଆରମ୍ଭ ହେଉ।

-ସୁନୟନା ଦାଶ, ଅଭିଭାବକ

## ସଂକ୍ଷେପରେ

### ଅଭିମନ୍ୟୁ କ୍ରିକେଟ: ଗୋଳବାଇ ଚାମ୍ପିୟନ

ନିରାକାରପୁର,୨୦।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁରର ଅଚ୍ୟୁତପୁର ପଞ୍ଚାୟତ ନାଲସିଂହ ଗ୍ରାମ ମାତୃବିହାର ଯୁବ ପରିଷଦ ଆନୁକୂଲ୍ୟରେ ୨୬ତମ ଅଭିମନ୍ୟୁ ମେମୋରିଆଲ ଟୁର୍ନାମେଣ୍ଟ ଗ୍ରାମର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ବୁଧବାର ଫାଇନାଲ ମ୍ୟାଚରେ ଗୋଳବାଇ କ୍ରିକେଟ କ୍ଲବ ଜିତି ଚାମ୍ପିୟନ ହୋଇଛି। ଗୋଳାବାଇ କ୍ଲବ ସହ ଡମଣଭୂମି କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ ହୋଇଥିଲା। ଡମଣଭୂମି ପ୍ରଥମେ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ରନ୍ ସଂଗ୍ରହ କରିଥିଲା। ତେବେ ଜବାବରେ ଗୋଳବାଇ ଦଳ ନିର୍ଦ୍ଧାରିତ ଓଭର ସରିବା ପୂର୍ବରୁ ୩ ଉଇକେଟ ବିନିମୟରେ ୧୧୦ରନ ସଂଗ୍ରହ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଖେଳକୁ ବିଶ୍ୱନାଥ ସାହୁ ଓ ଆଶିଷ ସିଂ ପରିଚାଳନା କରିଥିବା ବେଳେ ୯ନମ୍ବର ଜୋନର ପୂର୍ବତନ ଜିଲା ପରିଷଦ ସୁକାନ୍ତ କୁମାର ମଙ୍ଗରାଜ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଜୟୀ ଏବଂ ପରାଜୟୀ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

### ଜୁଆଡ଼ି ଗିରଫ

ଟାଙ୍ଗୀ (ଖୋର୍ଦ୍ଧା),୨୦।୧୦(ଡି.ଏନ୍.ଏ.): ଟାଙ୍ଗୀ ଥାନା ଅନ୍ତର୍ଗତ ଚଣ୍ଡେଶ୍ୱର ଅଞ୍ଚଳରୁ ପୋଲିସ ଚଢ଼ାଉ କରି ଜଣେ ଜୁଆଡ଼ିଙ୍କୁ ଗିରଫ କରିଛି। ସେ ହେଲେ ପାରିଓରଡ଼ ଗ୍ରାମର ଅର୍ଜୁନ ସେଠି (୩୮)। ଅର୍ଜୁନଙ୍କ ନାମରେ ପୂର୍ବରୁ ଅଭିଯୋଗ ରହିଥିଲା। ଦୀର୍ଘଦିନ ଧରି ସ୍ଥାନୀୟ ପୋଲିସ ଏହାକୁ ଧରିବାକୁ ନଜର ରଖିଥିଲେ। ବୁଧବାର ଚଣ୍ଡେଶ୍ୱର ଅଞ୍ଚଳରେ ଅର୍ଜୁନ ଥିବା ଜାଣି ପୋଲିସ ଟିମ୍ ସହ ଚଢ଼ାଉ କରି ଧରିଥିଲେ।

### କୁମାର ପୂର୍ଣ୍ଣମୀରେ କୁମାରୀ ବିବାହ

ଯାଁଲା,୨୦।୧୦(ଡି.ଏନ୍.ଏ.): କୁମାର ପୂର୍ଣ୍ଣମୀରେ କୁନି କୁନି ବର କନ୍ୟାଙ୍କୁ ନେଇ ଯାଁଲା ଅଞ୍ଚଳରେ କୁମାରୀ ବିବାହ ଉତ୍ସବ ପାଳନ ହୋଇଯାଇଛି। ଗାଁଟି ଯାକର ଝିଅ ଚାନ୍ଦ ପୂଜା ସହିତ ଏହି ନିଆରା ବିବାହ ଉତ୍ସବରେ ମାତିଥିଲେ। ଡମାଣ୍ଡୋ ଥାନା ଅନ୍ତର୍ଗତ ନପୁଟ ପଞ୍ଚାୟତର ସାନ ମହୁରା ଗାଁରେ କୁମାରୀ ବିବାହ ଉତ୍ସବ ହୋଇଥିଲା। ପ୍ରତିବର୍ଷ ଏହି ଗାଁ ରେ କୁମାରୀ ବିବାହ ଉତ୍ସବ କରୋନା କଟକଣା ମଧ୍ୟରେ ହୋଇଥିଲା। କୁନି କୁନି ବାଳିକା ଦୁଇଟିଙ୍କୁ ବର ଓ କନ୍ୟା ବେଶରେ ସଜେଇ ହୋଇଥିଲେ। ବର ପକ୍ଷରୁ ତେଜସ୍ୱିନୀ ଜେନା ବର ଓ ଦେବସ୍ମିତା ଜେନା ବରପିତା ସେହିଭଳି କନ୍ୟା ପକ୍ଷରୁ ଲକ୍ଷ୍ମୀପ୍ରିୟା କନ୍ୟା ଓ କନ୍ୟାପିତା ମଧୁସ୍ମିତା ପଶ୍ଚିମ କବାଟ ଅଂଶଗ୍ରହଣ କରିଥାନ୍ତି। ମିଛ ବାହାଘର ହେଲେ ବି ସତ ବାହାଘରର ସବୁ ବିଧି ଅନୁସାରେ ହୋଇଥାଏ। ଏଥିରେ ଗ୍ରାମର ଯୁବକ ଓ ବୟସ୍କ ବ୍ୟକ୍ତି ସହଯୋଗ କରନ୍ତି। ସନ୍ଧ୍ୟାରେ ଚାନ୍ଦ ପୂଜା ପରେ ବର ଶୋଭାଯାତ୍ରା ଆରମ୍ଭ ହୁଏ। ବାଜା ବାଣ ରୋଶଣି ଧରି ବରପକ୍ଷ ଗାଁ ଦାଣ୍ଡରେ କନ୍ୟାଘର ଅଭିମୁଖେ ମାଡ଼ି ଚାଲନ୍ତି। ବ୍ରାହ୍ମଣର ମନ୍ତ୍ର ଉଚ୍ଚାରଣରେ ହାତଗଣ୍ଠି ପଡ଼େ ଓ ବନ୍ଦାପନା ହୁଏ। ଶେଷରେ ଭୋଜି ପଙ୍ଗତରେ ସମସ୍ତେ ଏକାଠି ହୁଅନ୍ତି। ଏହି ନିଆରା କୁମାରୀ ବିବାହରେ ନିରୁପମା, ଗୁଣ୍ଡୁ, ଆଂଶୀ, ଇଜି, ପୂଜା, ରୋଜି, ସାଇ, ବହୁ କୁନି କୁନି ଝିଅ ଅଂଶ ଗ୍ରହଣ କରିଥିଲେ।

### ରେଳ ଶ୍ରମିକ କଂଗ୍ରେସର ମିଶ୍ରଣ ପର୍ବ

ଜଟଣୀ,୨୦।୧୦(ଡି.ଏନ୍.ଏ.): ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ମଣ୍ଡଳ ଶ୍ରମିକ କଂଗ୍ରେସର ଏକ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧାରୋଡସ୍ଥ ଶ୍ରମିକ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଏମ. ଜି. କେ. ରାଓଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶଚନ୍ଦ୍ର ସାହୁ ଯୋଗଦେଇଥିଲେ। ଏହି ପର୍ବରେ ଆଶୁତୋଷ ବ୍ରହ୍ମା, ସାମୁଏଲ ପ୍ରଧାନ, ସାଲିଗ୍ରାମ ଠାକୁର, ଜୟଦେବ ନିଶଙ୍କ, ବଳରାମ ବିଶ୍ୱାଳ, ବାସୁଦେବ ସାହୁ, ବିଦ୍ୟୁତ ସରକାର, ଦୁର୍ଗାମାଧବ ପାଢ଼ୀ ଏବଂ କ୍ରିଷ୍ଣା ଦାସଙ୍କ ସହ ଶ୍ରମିକ ନେତା ଓ କର୍ମୀ ବିଧିବଦ୍ଧ ଭାବେ ଶ୍ରମିକ କଂଗ୍ରେସରେ ଯୋଗଦେଇଥିଲେ। ରେଳ କର୍ମଚାରୀଙ୍କ ସେବା ଓ ସେମାନଙ୍କ ସ୍ୱାର୍ଥ ପାଇଁ ସର୍ବଦା କାର୍ଯ୍ୟ କରିବା ପାଇଁ ଶପଥ ନେଇଥିଲେ। ରେଳ ମଣ୍ଡଳ ସଂଯୋଜକ ପ୍ରମୋଦ ସାହାଣୀ, ଶାଖା ସମ୍ପାଦକ ଏଲ. ଡି. ମହାନ୍ତି, ସହ ସଂଯୋଜକ ସୁନୀଲ ଭଞ୍ଜ, ସଭାପତି ଶରତ ପଣ୍ଡା, ରବି କୁମାର, ଦୁଃଶାସନ ସାହୁ, ସୀ. ଓ. ବି. ଏସ. ପୁହାଣ, ବିଜୟାଲକ୍ଷ୍ମୀ ଦାଶ, ରୁନି ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଚିଲିକାରେ ବଢୁଛି ବିଦେଶୀ ପକ୍ଷୀଙ୍କ ସମାଗମ

- ପ୍ରଥମ ପର୍ଯ୍ୟାୟରେ ୨୨ହଜାରରୁ ଊର୍ଦ୍ଧ୍ୱ ପକ୍ଷୀ ଆସିଲେଣି
- ସୁରକ୍ଷା ପାଇଁ ବନ ବିଭାଗର ୨୧ କ୍ୟାମ୍ପ ଗଠନ

ବାଲୁଗାଁ,୨୦।୧୦(ଡି.ଏନ୍.ଏ.)



ବାୟୁମଣ୍ଡଳକୁ ଶୀତ ସ୍ପର୍ଶ ନ କରୁଣୁ ଏସିଆର ସର୍ବବୃହତ ଲବଣାକ୍ତ ହ୍ରଦ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ସୁଅ ଛୁଟିବା ଆରମ୍ଭ ହୋଇଛି। ଗତ ୨ସପ୍ତାହରୁ ବୁଧବାର ସୁଦ୍ଧା ସମଗ୍ର ଚିଲିକାକୁ ପ୍ରଥମ ପର୍ଯ୍ୟାୟରେ ୬୨ପ୍ରଜାତିର ୨୨ହଜାରରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ସୂତ୍ରରୁ ଜଣାଯାଇଛି। ସେଥିମଧ୍ୟରୁ ନଳବଣରେ ୫୫ପ୍ରଜାତିର ମୋଟ ୫,୧୨୭ ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ଦେଶୀ ପକ୍ଷୀ ମଧ୍ୟ ସମାଗମ ହୋଇଛନ୍ତି। ସର୍ବାଧିକ ସଂଖ୍ୟାରେ ଉଡ୍‌ସ୍ୟାଣ୍ଡ ପାଇପର୍ ୩୦୦, ଇରାସିଆନ୍ ଇୟୁଜିୟନ ୩୦୦, ପ୍ଲୋଭର ୨୮୦, ନର୍ଦନ ପିଣ୍ଟେଲ୍ ୨୫୦, ସୋଭଲର ୨୦୦, କମନକୁଟ୍ ୧୪୦, କମନ୍ ରେଡ୍‌ଷ୍ଟ୍ରାକ୍ ୧୨୦, ଗୋଲଡେନ ପ୍ଲୋଭର ୧୦୦ଏବଂ ଚିଲିକାକୁ ଶୋଭା ବର୍ଦ୍ଧନ କରୁଥିବା ଆକର୍ଷଣୀୟ ଗ୍ରେଟର ଫ୍ଲେମିଙ୍ଗୋ (ଏରା ପକ୍ଷୀ) ଆଦି ପ୍ରଜାତିର ସ୍ୱଳ୍ପ ସଂଖ୍ୟା ପକ୍ଷୀଙ୍କ ଆଗମନ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏହାବ୍ୟତୀତ ଅବଶିଷ୍ଟ ପକ୍ଷୀ ବାହାର ଚିଲିକା ତଥା ଅନ୍ୟାନ୍ୟ ରେଞ୍ଜ ଟାଙ୍ଗି, ସାତପଡ଼ା, ଚିଲିକା ଓ ରମ୍ଭା ଆଦି ଅଞ୍ଚଳରେ ଦୃଷ୍ଟିଗୋଚର ହୋଇଛନ୍ତି।

ପ୍ରାୟତଃ ଅକ୍ଟୋବର ପହିଲାରୁ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। କିନ୍ତୁ ଚଳିତବର୍ଷ ଶୀତ ଆଗମନରେ ବିଳମ୍ବ ହେବା ସତ୍ତ୍ୱେ ତୃତୀୟ ସପ୍ତାହ ସୁଦ୍ଧା ଚିଲିକାକୁ ପକ୍ଷୀ ଆସିଯାଇଛନ୍ତି। ବରଫାବୃତ୍ତ ଅଞ୍ଚଳ ସାଇବେରିଆ, ରୁଷିଆ, କାଜାଖସ୍ତାନ, ଲଦାଖ, ମଙ୍ଗୋଲିଆ, ଆମେରିକା, କାନାଡା ଆଦି ରାଷ୍ଟ୍ରାଞ୍ଚଳରୁ ପ୍ରବଳ ହିମପ୍ରବାହ ଓ ଅସହ୍ୟ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ପକ୍ଷୀମାନେ ହଜାର ହଜାର ମାଇଲ୍ ଅତିକ୍ରମ କରି ଚିଲିକାକୁ ଆସନ୍ତି। ବିଶେଷକରି ପକ୍ଷୀମାନେ ନଳବଣ ଏବଂ ଟାଙ୍ଗି ରେଞ୍ଜ୍ ଅଧୀନ ମଙ୍ଗଳାଯୋଡ଼ି ଅଞ୍ଚଳରେ ରୁହନ୍ତି।

ଅନ୍ୟପକ୍ଷେ ପକ୍ଷୀଙ୍କ ଆଗମନ ହେତୁ ଶିକାରୀମାନେ ସକ୍ରିୟ ହୋଇପଡ଼ିଥିବା ବେଳେ ସୁରକ୍ଷା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ସଜାଗ ହୋଇଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ୨୧ଟି କ୍ୟାମ୍ପ ଓ ସ୍ଥଳପଥରେ ଗୋଟିଏ ଭ୍ରାମ୍ୟମାଣ ସ୍କ୍ୱାଡ ଗଠନ କରାଯାଇଛି। ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୧୧ଟି କ୍ୟାମ୍ପ, ବାଲୁଗାଁ ରେଞ୍ଜର ନଳବଣରେ ୪ଟି, ସାତପଡ଼ାରେ ୨ଟି, ରମ୍ଭା ୨ ଓ ଚିଲିକାରେ ୧ଟି କ୍ୟାମ୍ପ ପାଇଁ ବ୍ୟବସ୍ଥା ହୋଇଛି। ଭ୍ରାମ୍ୟମାଣ ସ୍କ୍ୱାଡ ଦଳ ବାଲୁଗାଁଠାରୁ ଟାଙ୍ଗୀ ମଧ୍ୟରେ ସ୍ଥଳଭାଗରେ ବିଭିନ୍ନ ଢାବା ଓ ହୋଟେଲ ଆଦି ଅଞ୍ଚଳରେ ଚଢ଼ାଉ କରିବେ। ଜଳପଥରେ ପ୍ରତ୍ୟେକ କ୍ୟାମ୍ପ୍‌ରେ ଗୋଟିଏ ଲେଖାଏ ଯନ୍ତ୍ରଚାଳିତ ବୋଟ୍ ସମେତ ଜଣେ ବନପାଳ କିମ୍ବା ବନରକ୍ଷୀ ଏବଂ ଚିଲିକା ତଟବର୍ତ୍ତୀ ଗ୍ରାମ ପକ୍ଷୀ ସୁରକ୍ଷା ମଞ୍ଚର ୩ଜଣ ଲେଖାଏ ସଦସ୍ୟ ସାମିଲ ହୋଇଛନ୍ତି। ଏଥିସହ ଚିଲିକା ତଟବର୍ତ୍ତୀ ଗ୍ରାମରେ ପକ୍ଷୀ ସୁରକ୍ଷା ସମ୍ପର୍କିତ ସଚେତନମୂଳକ କାର୍ଯ୍ୟକ୍ରମ କରାଯିବ। ଗତବର୍ଷ ପକ୍ଷୀ ଶିକାର ଘଟଣାରେ ୭ଟି ମାମଲା ରୁଜୁ କରାଯାଇ ୧୫ଜଣଙ୍କୁ ଗିରଫ ସହ ୫୦ରୁ ଊର୍ଦ୍ଧ୍ୱ ମୃତ ପକ୍ଷୀ ଜବତ ହୋଇଥିଲା। ତେବେ ଗତବର୍ଷ ବିଭାଗୀୟ ଗଣନା ଅନୁଯାୟୀ ସମଗ୍ର ଚିଲିକାକୁ ୧୯୦ ପ୍ରଜାତିର ମୋଟ ୧୨ଲକ୍ଷ ୪୨ହଜାର ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ପାଗ ଅନୁକୂଳ ଥିବାବେଳେ ଆଗକୁ ଶୀତ ବଢ଼ିଲେ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଏସିଏଫ୍ ଶରତ ଚନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି।



ମନୁଆ ସାହିତ୍ୟ ସଂସଦର ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଏକ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଓଡ଼ିଆ ଭାଷାର ସୁରକ୍ଷା ନେଇ ଆଲୋଚନା

- ମନୁଆ ସାହିତ୍ୟ ସଂସଦର ବାର୍ଷିକୋତ୍ସବ
- 'ସେ ପରା ମୋ ଶ୍ରୀମତୀ' ପୁସ୍ତକ ଲୋକାର୍ପଣ

ବେଗୁନିଆ,୨୦।୧୦(ଡି.ଏନ୍.ଏ.)

ବେଗୁନିଆ କଲେଜ ରୋଡରେ ଅବସ୍ଥିତ ବାବା ବାଲୁଙ୍କେଶ୍ୱର ପୀଠ ପରିସରରେ ବୁଧବାର କୁମାର ଉତ୍ସବ ଅବସରରେ ବ୍ଲକର ମନୁଆ ସାହିତ୍ୟ ସଂସଦର ଷଷ୍ଠ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ତଥା କବି ରାଜ କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶରତ ଚନ୍ଦ୍ର ମହାପାତ୍ର, ବକ୍ତା ଭାବେ ତହସିଲଦାର ପୃଥିରାଜ ମଣ୍ଡଳ, ସମ୍ମାନିତ ଅତିଥି ଖୋର୍ଦ୍ଧା ଜିଲା ନିଶା ବିରୋଧୀ ଅଭିଯାନର ଅଧ୍ୟକ୍ଷ ରାମଶଙ୍କର ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ କଟକ,ପୁରୀ, ନୟାଗଡ ଓ ଖୋର୍ଦ୍ଧା ଆଦି ଜିଲାରୁ ପ୍ରାୟ ୯୦ଜଣ କବୟିତ୍ରୀ ଓ କବି ଉପସ୍ଥିତ ସ୍ୱରଚିତ କବିତା ପାଠ କରିବା ସହ ଓଡ଼ିଆ ଭାଷାର ସରକାରୀ ବ୍ୟବସ୍ଥା ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କବି ରାଜକିଶୋର ପାଣିଗ୍ରାହୀଙ୍କ ପୁସ୍ତକ 'ସେ ପରା ମୋ ଶ୍ରୀମତୀ' ଏବଂ ଲମ୍ବୋଦର ଶତପଥିଙ୍କର ପୁସ୍ତକ 'ମୋ ଗାଁ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ପ୍ରତିଭାସମ୍ପନ୍ନ କବି ବଂଶୀଧର ପଣ୍ଡା, ଆଦର୍ଶ ଶିକ୍ଷକ ଶରତ କୁମାର ଚଁଉରା, ଖବରଦାତା ଶିବ ପ୍ରସାଦ ଷଡଙ୍ଗୀ, ସାମାଜିକ କର୍ମୀ ମୀରା ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ସଂସଦର ସମ୍ପାଦକ କ୍ଷେତ୍ରବାସୀ ମଲ୍ଲିକ, କୋଷାଧ୍ୟକ୍ଷ ଦିଲୀପ ସାହୁ, ଶିକ୍ଷକ ସୁଧାକର ସେଠୀ, ଗୋପୀନାଥ ସେଠୀ, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ଶିକ୍ଷାବିତ ବଳରାମ ରଣସିଂହ, ଡ. ପ୍ରତିମା ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। କବି ଅଖିଳେଶ ମହାପାତ୍ର ମଞ୍ଚକୁ ସଂଯୋଜନା କରିଥିବା ବେଳେ ସଂସଦର ସଭାପତି ରାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।


କୁମାର ପୂର୍ଣ୍ଣିମା ଅବସରରେ ଯାଁଳାର ସାନମହୁରା ଗାଁରେ କୁମାରୀ ବିବାହ ଉତ୍ସବ ହେଉଛି।

## ଗଜଲକ୍ଷ୍ମୀ ପୂଜା ପାଳିତ

ବାଲୁଗାଁ,୨୦।୧୦(ଡି.ଏନ୍.ଏ.)

ଧନଦାତ୍ରୀ ମା'ଗଜଲକ୍ଷ୍ମୀ ପୂଜା ବାଲୁଗାଁର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। କରୋନା କଟକଣା ହେତୁ ନିରାଡ଼ମ୍ବର ଭାବେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏହି ପୂଜା ପାଳନ କରାଯାଉଛି। ବାଲୁଗାଁ ଗୋପୀନାଥପୁର ଛକସ୍ଥିତ ମା'ଗଜଲକ୍ଷ୍ମୀ ପୂଜା କମିଟି ଏବଂ ବଜାରସ୍ଥିତ ଫଳ ବ୍ୟବସାୟୀ ସଂଘ ପକ୍ଷରୁ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଦିନତମାମ ମା'ଙ୍କ ପୂଜାନୀତି ସମ୍ପନ୍ନ ହେବା ପରେ ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ କାମନା କରିଥିଲେ। କରୋନା କଟକଣା ଲାଗି ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନ ଥିଲା।

## ନୂଆ ଜଗନ୍ନାଥ ସଡ଼କରେ ବଳଭଦ୍ରଙ୍କ ଚକା ଗଲା

ନିରାକାରପୁର,୨୦।୧୦(ଡି.ଏନ୍.ଏ.)

ଶ୍ରୀକ୍ଷେତ୍ରଧାମ ପୁରୀରୁ ବୁଧବାର ଶ୍ରୀ ବଳଭଦ୍ର ଦେବଙ୍କ ରଥଚକା ନୟାଗଡ ଜିଲାର ବଡ଼ଗୋରଡା ଗ୍ରାମକୁ ନିରାକାରପୁରସ୍ଥିତ ନୂଆଜଗନ୍ନାଥ ସଡ଼କ ଦେଇ ନିଆଯାଇଛି। ନିରାକାରପୁରରେ ରଥ ଚକା ପହଞ୍ଚିବା ପରେ ଅଞ୍ଚଳବାସୀ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ କେତେକ ଜାଗାରେ ଶ୍ରୀ ବଡ଼ଠାକୁରଙ୍କ ରଥଚକାକୁ ପୂଜାର୍ଚ୍ଚନା କରାଯାଇଥିଲା। ପୁରୀରେ ରଥଯାତ୍ରା ସମୟରେ ବ୍ୟବହୃତ ଘଣ୍ଟଘଣ୍ଟା ଏବଂ ନାମ ସଂକୀର୍ତ୍ତନ ନାଦରେ ଏହି ଭବ୍ୟରଥ ଚକ ବିଜେ କରିଥିଲା। ରଥ ଚକ ଆସିବାବେଳେ ଏହାର ଦର୍ଶନ ପାଇଁ ଆଖପାଖ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଆସିଥିଲେ।

# ଜରାଜୀର୍ଣ୍ଣ ହୋଇପଡ଼ିଛି ବାତ୍ୟା ଆଶ୍ରୟସ୍ଥଳୀ

- ଭାରତ ରତ୍ନ ଅବଦୁଲ କଲାମ ଉଦ୍‌ଘାଟନ କରିଥିଲେ
- ୧୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା

ନିରାକାରପୁର,୨୦।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ଡ. ଏପିଜେ ଅବଦୁଲ କଲାମଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଏକ ବାତ୍ୟା ଆଶ୍ରୟସ୍ଥଳୀ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ରକ୍ଷଣାବେକ୍ଷଣ ଅଭାବରୁ ବାତ୍ୟା ଆଶ୍ରୟସ୍ଥଳୀଟି ଭାଙ୍ଗିରୁଜି ଗଲାଣି। ଏହାକୁ ପୁନରୁଦ୍ଧାର କରିବା ସହ ରକ୍ଷଣାବେକ୍ଷଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରୁଛନ୍ତି।


ବାତ୍ୟା ଆଶ୍ରୟସ୍ଥଳୀର ଏକ କୋଠରି ଭଗ୍ନାବସ୍ଥାରେ ଅଛି।

ସୂଚନାଯୋଗ୍ୟ, ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଏକାଡେମୀ ପରିସରରେ ୨୦୦୩ ମେ ୧୫ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ଅବଦୁଲ କଲାମ ଓଡ଼ିଶା ଗସ୍ତରେ ଆସି ଖୋର୍ଦ୍ଧା ଜିଲାକୁ ଏକ ବିଶେଷ କାର୍ଯ୍ୟକ୍ରମକୁ ଆସି ଏହି ବାତ୍ୟା ଆଶ୍ରୟସ୍ଥଳ ଓ ଏକ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ତତ୍କାଳୀନ ରାଜ୍ୟସଭା ଉପାଧ୍ୟକ୍ଷା ନଜମା ହେପାତୁଲ୍ଲା ସାଙ୍ଗରେ ଥିଲେ। ତେବେ ହୁଡ୍‌କୋ ଦ୍ୱାରା ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହା ନିର୍ମାଣ କରାଯାଇଥିଲା। ତେବେ ଦୀର୍ଘଦିନ ଧରି ଠିକ୍ ଭାବେ ଚାଲିଥିବାବେଳେ ପରେ ଧୀରେ ଧୀରେ କାନ୍ଥଗୁଡ଼ିକରେ ଫାଟ ସୃଷ୍ଟି ହେବା ସହ ଛାତରେ ପାଣି ଗଳିବାକୁ ଲାଗିଥିଲା। ରକ୍ଷଣାବେକ୍ଷଣ ପାଇଁ କେହି ଦାୟିତ୍ୱ ନ ନେବାରୁ ଉପରମହଲା କେତେବେଳେ ଭୁଶୁଡ଼ିବ ତାହା କହିପାରିବେ ନାହିଁ। ଏପରି କି ଅଧିକାଂଶ ଝରକା, କବାଟ ମଧ୍ୟ ଭାଙ୍ଗିଯାଇଛି। ବର୍ଷାଦିନେ ପାଣିଗଳି କାନ୍ଥରେ ଶିଉଳି ଲାଗିଗଲାଣି। କେଉଁ କାନ୍ଥରେ ସିମେଣ୍ଟ ଛାଡ଼ିଲାଣି, ଆଉ କେଉଁଠି ଛାତରେ ରଡ୍ ଦେଖାଗଲାଣି ଏବଂ ବିଦ୍ୟୁତ୍ ତାର ଛିଣ୍ଡି ବାହାରେ ଝୁଲି ରହିଛି । ଏହି ଭଙ୍ଗାଘରେ ଏକ ସ୍କୁଲ କାର୍ଯ୍ୟାଳୟ ଥିବାବେଳେ ଏକ କମନରୁମ ଓ ପ୍ରଧାନ ଶିକ୍ଷକଙ୍କ ଏକ କାର୍ଯ୍ୟାଳୟ ମଧ୍ୟ ରହିଛି। ସାଧାରଣ ଲୋକଙ୍କୁ ନିରାପଦା ଆଶ୍ରୟ ଦେବାକୁ କରାଯାଇଥିବା ଏହି ଗୃହ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଭିନ୍ନ ଅଧିକାରୀ ପରିଦର୍ଶନ ପାଇଁ ଆସୁଥିବାବେଳେ ମରାମତି ପାଇଁ କାହାର ନଜର ପଡୁ ନ ଥିବା ସ୍ଥାନୀୟବାସୀ କହିଛନ୍ତି। ତେଣୁ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ମରାମତି ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୁବ୍ରତ


@ ରାଜେଶ


@ ରବିନାରାୟଣ


@ କାର୍ତ୍ତିକ


@ ଶୀତଲ


@ ମିହିର


@ ବିଶ୍ୱଜିତ୍

# ପଞ୍ଚାନନ ପାଇକ ଆଖଡ଼ା ସଂଘର ବାର୍ଷିକୋତ୍ସବ

ବୋଲଗଡ,୨୦।୧୦(ଡି.ଏନ୍.ଏ.)

ବୋଲଗଡ ବ୍ଲକ ଖଙ୍ଗୁରିଆ ଗ୍ରାମସ୍ଥିତ ପଞ୍ଚାନନ ପାଇକ ଆଖଡା ସଂଘର ବାର୍ଷିକ ଉତ୍ସବ ବୁଧବାର ପାରମ୍ପରିକ ରୀତିରେ ପାଳିତ ହୋଇଛି। ବହୁପୁରାତନ ଏହି ପଞ୍ଚାନନ ପାଇକ ଆଖଡା ସଂଘ ଚଳିତବର୍ଷ ରାଧାକାନ୍ତ ପୀଠରେ ଥିବା ମା' ଦୁର୍ଗା ମନ୍ଦିରରେ ଖଣ୍ଡା ଓ ହାତହତିଆର ପୂଜା କରି ଏହାର କର୍ମକର୍ତ୍ତା ମାନେ ବାଡ଼ିଖେଳ ଖଣ୍ଡା ବୁଲାଇବା ଢାଲର ବ୍ୟବହାର ପ୍ରଭୃତି ମାଧ୍ୟମରେ ଆତ୍ମରକ୍ଷା ଓ ସାହାସିକତା ରଣକୌଶଳ ପ୍ରଦର୍ଶନ କରି ଗ୍ରାମ ପରିକ୍ରମା କରିଥିଲେ। ପରେ ରୀତି ଅନୁସାରେ ଗ୍ରାମର ବଡ଼ତୋଟାସ୍ଥିତ ଇଷ୍ଟଦେବ ମନ୍ଦିରରେ ପହଞ୍ଚିଥିଲେ। ପାଇକ ଆଖଡା ସଂଘର ସଭାପତି ପହଲି ମହାପାତ୍ର, ସମ୍ପାଦକ ଗଙ୍ଗାଧର ବେହେରାଙ୍କ ସମେତ ଜଗନ୍ନାଥ ମହାରଣା, ମନ ବେହେରା, ଚେମା ବେହେରା, ପହଲି ଦାସ, ବିଷ୍ଣୁନି ମହାପାତ୍ର, ଚରଣ ଦାସ, କାହ୍ନୁ ବେହେରା ପ୍ରମୁଖ ଖେଳ ପ୍ରଦର୍ଶନ କରିଥିଲେ। ଯୁବନେତା ସଞ୍ଜୀବ ଜଗଦେବ ଓ ସମିତିସଭ୍ୟ ପ୍ରଦୀପ ସାହୁ ଉପସ୍ଥିତ ରହି ଏହି ପାଇକ ଆଖଡା ଖେଳ କୁ ଉତ୍ସାହିତ କରିଥିଲେ।

## ଶ୍ରୀଲିଙ୍ଗରାଜ ମନ୍ଦିରରେ କୁମାରପୂର୍ଣ୍ଣିମା

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.)- କୁମାର ପୂର୍ଣ୍ଣିମା ଅବସରରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ପୂଜା ପାଉଥିବା ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ନିକଟରେ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଛି। ପ୍ରାତଃରୁ ମନ୍ଦିର ଖୋଲାଯାଇ ଆଳତି ଅବକାଶ କରାଯାଇଥିଲା। ଏହାପରେ ରୋଷ ହୋମ କରାଯାଇ ଛାମୁ ପରିଷ୍କାର ମହାସ୍ନାନ ଦିଆଯାଇ ଶ୍ରୀଜୀଉଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ରାତିରେ ଶ୍ରୀଲିଙ୍ଗରାଜ ଭୁବନେଶ୍ୱରୀ ଠାକୁରାଣୀଙ୍କ ସନ୍ଧ୍ୟାଧୂପ ସରିବା ପରେ ମନ୍ଦିର ବେଢ଼ା ଭିତରେ ଥିବା ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ନିକଟରେ ପତ୍ରି ସେବକ ପୂଜା ନୀତି କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ୨ହାଣ୍ଡି ଖଇକୁ ଉକ୍ତ ଦିନର ପାଳିଆ ପୂଜା ପଣ୍ଡା ସେବକ ଭୋଗ ନୈବେଦ୍ୟ କରିଥିଲା।

# ବିନା ଭକ୍ତରେ ଗଜଲକ୍ଷ୍ମୀଙ୍କ ଆରାଧନା

ଖୋର୍ଦ୍ଧା ଅଫିସ,୨୦।୧୦

ଖୋର୍ଦ୍ଧା ଜିଲାରେ କରୋନା ସଂକ୍ରମଣ ବଢୁଛି। ତେଣୁ କୋଭିଡ୍ ଗାଇଡଲାଇନ ମଧ୍ୟରେ ପୂଜା ଆୟୋଜନ ଲାଗି ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ଏହି ଅନୁଯାୟୀ ଖୋର୍ଦ୍ଧା ସହରରେ ପୂଜାମଣ୍ଡପଗୁଡ଼ିକରେ ବିନା ଭକ୍ତରେ ଗଜଲକ୍ଷ୍ମୀ ପୂଜା ଚାଲିଛି।



“କରୋନା କଟକଣା ଯୋଗୁ ପୂଜା ବଜାର ଫିକା ପଡ଼ିଛି। ଏଥର ସାଜସଜ୍ଜା, ତୋରଣକୁ ଗୁରୁତ୍ୱ ଦିଆଯାଉନାହିଁ। ଗାଇଡ୍‌ଲାଇନ ମାନି ମଣ୍ଡପ ଆଗରେ ପରଦା ଟାଣି ପୂଜା କରୁଛୁ।

—ଶୋଭନ ଘୋଷ, ସମ୍ପାଦକ, ସଦ୍‌ଭାବନା ପୂଜା କମିଟି



“ଗଜଲକ୍ଷ୍ମୀଙ୍କ ପୂଜା ମହା ଆଡ଼ମ୍ବରରେ ପାଳନ କରାଯାଏ। ତେବେ କଟକଣା ଯୋଗୁ ଗତ ଦୁଇ ବର୍ଷ ହେଲା ନିରାଡ଼ମ୍ବର ଭାବେ ପୂଜା ଆୟୋଜନ ହେଉଛି। କେବଳ ବିଧି ରକ୍ଷା ଲାଗି ବିନା ଭକ୍ତରେ ସ୍ୱଳ୍ପ ସଂଖ୍ୟକ ସଦସ୍ୟ ଓ ବ୍ରାହ୍ମଣଙ୍କୁ ନେଇ ପୂଜା ଚାଲିଛି। ଭକ୍ତ ନାହାନ୍ତି।

—ପ୍ରସନ୍ନ ମହାପାତ୍ର, ସମ୍ପାଦକ, ପଦ୍ମାଳୟା ପୂଜା କମିଟି



“ରାଜ୍ୟ ସରକାରଙ୍କ ଗାଇଡଲାଇନ ଅନୁଯାୟୀ ପୂଜା ଆୟୋଜନ ଲାଗି ସମସ୍ତ ପୂଜା କମିଟିକୁ ପରାମର୍ଶ ଦିଆଯାଇଛି। ଗାଇଡଲାଇନ ତଦାରଖ ଲାଗି ପୋଲିସ ପକ୍ଷରୁ ଏକ ଟିମ ବିଭିନ୍ନ ପୂଜା ମଣ୍ଡପ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଗାଇଡ୍‌ଲାଇନ ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

– ରାଜକିଶୋର ଦୋରା, ଏସ୍‌ପି, ଖୋର୍ଦ୍ଧା



“କୋଭିଡ୍ ଗାଇଡଲାଇନ ଅନୁଯାୟୀ ପୂଜା ଆୟୋଜନ ଲାଗି ସମସ୍ତ ପୂଜା କମିଟିକୁ ନିର୍ଦ୍ଦେଶ ଜାରି କରାଯାଇଛି। ମଣ୍ଡପରେ ରୀତିନୀତି ବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଲୋକ ସାଜସଜ୍ଜାକୁ ବାରଣ କରାଯାଇଛି।

—ମନୋଜ ପାଢୀ, ଅତିରିକ୍ତ ଜିଲାପାଳ

## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କୁ ସଚେତନ କଲା ବାରଙ୍ଗ ପୋଲିସ

ବାରଙ୍ଗ,୨୦।୧୦(ଡି.ଏନ୍.ଏ.): ଆମ ଜୀବନରେ ଟେକ୍ନୋଲୋଜି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆମର ଦୈନନ୍ଦିନ କାର୍ଯ୍ୟକୁ ସରଳ କରିବା ପାଇଁ ଆମେ ଇଣ୍ଟରନେଟ ଏବଂ କମ୍ପ୍ୟୁଟର ଉପରେ ନିର୍ଭର କରିଥାଉ। କିନ୍ତୁ ଅସାବଧାନତା ଯୋଗୁ ସାଇବର ଠକମାନେ ଇଣ୍ଟରନେଟ ମାଧ୍ୟମରେ ହ୍ୟାକ କରି ଠକିଚାଲୁଛନ୍ତି। ଏହି ଠକଙ୍କ କବଳରୁ କିପରି ରକ୍ଷା ପାଇପାରିବା ସେନେଇ ବାରଙ୍ଗ ପୋଲିସ ତରଫରୁ ବରିଷ୍ଠ ନାଗରିକଙ୍କୁ ସଚେତନତାର ବାର୍ତ୍ତା ଦିଆଯାଇଛି। ବୁଧବାର ମଧୁବନସ୍ଥିତ ଏକ ଘରୋଇ କଲେଜ ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ କଟକ ଆଡିଶିନାଲ ଏସ୍‌ପି ଅନିଲ କୁମାର ମିଶ୍ର, କଟକ ଜୋନ-୪ ଏସିପି ଚନ୍ଦନ ଘଡାଇ, ବାରଙ୍ଗ ଥାନା ଆଇଆଇସି ଆକାଶ କୁମାର ରଣା, ସାଇବର ସେଲ ଇନ୍ସପେକ୍ଟର ରେଣୁବାଳା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସଚେତନ କରିଥିଲେ। ସାଇବର ଠକମାନେ ବିଶେଷକରି ସିନିୟର ସିଟିଜେନଙ୍କୁ ଟାର୍ଗେଟ କରି ଅତି ସହଜରେ ଠକି ଦେଇପାରନ୍ତି। ତେଣୁ ସଚେତନ ରହିବା ସହ ଅଜଣା ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ନ କରିବା ପାଇଁ କହିଛନ୍ତି। ମୋବାଇଲ ଓ କମ୍ପ୍ୟୁଟରରେ ଇଣ୍ଟରନେଟ ବ୍ୟବହାର କରିବା ସମୟରେ ଏଥିପ୍ରତି ଦୃଷ୍ଟିଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟି ସଭାପତି ପ୍ରତାପଚନ୍ଦ୍ର ପାଣି, ସମ୍ପାଦକ ସୁରେଶ ମହାନ୍ତି, ଟ୍ରକ୍ ମାଲିକ ସଂଘ ସଭାପତି ବିଜୟ ପଣ୍ଡା, ପ୍ରେମାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବରିଷ୍ଠ ନାଗରିକଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ।

### ଶମ୍ବର ଶାବକ ଜନ୍ମ



ବାରଙ୍ଗ,୨୦।୧୦(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୮ ନଂ. ଏନକ୍ଲୋଜରରେ ରହୁଥିବା ମାଈ ଶମ୍ବର ବୁଧବାର ସକାଳେ ଏକ ଶାବକ ଜନ୍ମ ଦେଇଛି। ଶାବକକୁ ଜନ୍ମ ଦେବା ପରେ ମା ଓ ଛୁଆ ଉଭୟ ସୁସ୍ଥ ରହିଛନ୍ତି। ଯାହାଫଳରେ ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ନନ୍ଦନକାନନରେ ୧୨ରେ ପହଞ୍ଚିଛି। ସେଥିମଧ୍ୟରେ ୪ ଅଣ୍ଡିରା, ୭ ମାଈ ଓ ଜନ୍ମିତ ଶାବକର ଲିଙ୍ଗ ନିରୂପଣ ହୋଇପାରି ନ ଥିବାର ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ପିଲାଙ୍କ ପାଇଁ ପ୍ରସ୍ତୁତ ୨୧ ପୁସ୍ତକ ଉନ୍ମୋଚିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

ଏବେ ପିଲାମାନେ ମୋବାଇଲ ଓ କମ୍ପ୍ୟୁଟରରେ ପଢିବାକୁ ଅଧିକ ପସନ୍ଦ କରୁଛନ୍ତି। ତେଣୁ ଟ୍ରେସିଂ ଓ ଲର୍ନିଂ କନ୍‌ସେପ୍ଟକୁ ନେଇ ବିଭିନ୍ନ ଥିମ୍ ଉପରେ ପିଲାଙ୍କ ଶିକ୍ଷା ଦକ୍ଷତା ବୃଦ୍ଧି ପାଇଁ ୨୧ଟି ପୁସ୍ତକ ପ୍ରସ୍ତୁତ କରିଛନ୍ତି ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ସଫ୍ଟସ୍କିଲ୍ ଟ୍ରେନର୍ ସିନ୍ଧୁ ବ୍ରାଉନ। ବୁଧବାର ସ୍ଥାନୀୟ ଏକ ରେଷ୍ଟୁରାଣ୍ଟରେ ଏସବୁ ପୁସ୍ତକ ଉନ୍ମୋଚିତ ହୋଇଛି। ୩ ରୁ ୧୪ ବର୍ଷ ବୟସର ଶିଶୁ ଏହି ପୁସ୍ତକ ବ୍ୟବହାର କରିପାରିବେ। ଏଗୁଡ଼ିକ ହେଲା ଇଂଲିଶ ବର୍ଣ୍ଣମାଳା, ଓଡିଆ ବର୍ଣ୍ଣମାଳା, ଇଂଲିଶ ଫୋନିକ୍ସ, ସାଇଲେଣ୍ଟ ଶବ୍ଦ, ଦୃଶ୍ୟ ଶବ୍ଦ, ଗୀତ, ସକାରାତ୍ମକ ନିଶ୍ଚିତତା, ବଣୁଆ ଜନ୍ତୁ, ଗୃହପାଳିତ ପଶୁ, ପରିବହନ, ପକ୍ଷୀ, ଫୁଲ, ଖାଦ୍ୟ, ଫଳ, ପନିପରିବା, ବାଦ୍ୟଯନ୍ତ୍ର, କ୍ରୀଡା, ବ୍ୟାୟାମ, ଯୋଗାସନ, ଗଣିତ ଓ ମନ୍ତ୍ର। ପୁସ୍ତକ ପ୍ରକାଶନରେ ମାନସ ରଞ୍ଜନ ଦାସ, ମାନବୀ ଚୌଙ୍କ୍, ଶ୍ରୀଦେବୀ ଓ କୁଞ୍ଜନ ସହଯୋଗ କରିଛନ୍ତି।

ଉନ୍ମୋଚନ ଉତ୍ସବରେ ମଦର ପବ୍ଲିକ ସ୍କୁଲର ମୁଖ୍ୟ ପଲ୍ଲୀ ପଟ୍ଟନାୟକ, ନୃତ୍ୟଶିଳ୍ପୀ ଶାଶ୍ୱତ ଜୋଷୀ, ରୁଦ୍ରାକ୍ଷ ଫାଉଣ୍ଡେଶନ ପ୍ରତିଷ୍ଠାତା ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ଓଡ଼ିଶୀ ନୃତ୍ୟଗୁରୁ ଲିଙ୍ଗରାଜ ସ୍ୱାଇଁ, ନାଟ୍ୟ ଚେତନାର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନିଜ ପୁସ୍ତକ ସମ୍ପର୍କରେ ସିନ୍ଧୁ କହିଛନ୍ତି, ପିଲାମାନେ କିପରି ସହଜରେ ପାଠ ପଢ଼ିବାକୁ ଓ ଶିଖିବାକୁ ଆଗ୍ରହୀ ହେବେ ସେଭଳି ଭାବରେ ଡିଜାଇନ୍ କରାଯାଇଛି। ଏହାଦ୍ୱାରା ଶିକ୍ଷାର୍ଥୀର ଫଟୋଗ୍ରାଫିକ୍ ମେମୋରି ମଧ୍ୟ ବିକଶିତ ହୋଇପାରିବ। ଏହି ପୁସ୍ତକଗୁଡ଼ିକ ସମସ୍ତ ବହି ଦୋକାନରେ ସହଜରେ ଓ କମ୍ ଦାମରେ ମିଳିପାରିବ। ଖୁବ୍‌ଶୀଘ୍ର ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ ହେବ। ଆଗାମୀ ଦିନରେ ଦୃଷ୍ଟିହୀନ ଓ ମାନସିକ ଅକ୍ଷମ ଛାତ୍ରୀଛାତ୍ର ପାଇଁ ନୂଆ ବହି ଆସିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମକୁ ଗୁରୁପଦ ବଳିଆରସିଂହ ଓ ଅମ୍ବର୍ ପରିଚାଳନା କରିଥିଲେ।

## ଶ୍ରଦ୍ଧାଳୁଙ୍କୁ ମନ୍ଦିର ମନା

### ଘରେ ରହି କାର୍ତ୍ତିକ ବ୍ରତ ପାଳିବାକୁ ପରାମର୍ଶ

ଖୋର୍ଦ୍ଧା ଅଫିସ, ୨୦।୧୦

ଗୁରୁବାରଠାରୁ ପବିତ୍ର କାର୍ତ୍ତିକ ବ୍ରତ ଆରମ୍ଭ। ବ୍ରତଧାରୀମାନେ ସକାଳୁ ଚଉଁରା ମୂଳେ ରାଇଦାମୋଦର ପୂଜା କରିବେ। ତେବେ ଚଳିତବର୍ଷ କରୋନା ଗାଇଡଲାଇନକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରବେଶ ଉପରେ ସରକାର କଟକଣା ଜାରି କରିଛନ୍ତି। ଖୋର୍ଦ୍ଧା ସହରର ପ୍ରମୁଖ ଶୈବପୀଠ ଗୁରୁଜଙ୍ଗସ୍ଥିତ ବାବା ଧବଳେଶ୍ୱର, ଲୋକେଶ୍ୱରପୁରସ୍ଥିତ ଲୋକେଶ୍ୱର ଦେବ, ବାଘମାରୀସ୍ଥିତ ହଟ୍ଟକେଶ୍ୱର, ଗୋଡାସ୍ଥିତ ଗୋଡ଼ା ଲୋକନାଥ ସମେତ ଆଖପାଖ ଦେବପୀଠରେ ଭକ୍ତଙ୍କ ଭିଡ ଜମିଥାଏ। ଏଥର କଟକଣା ଯୋଗୁ ବ୍ରତଧାରୀ ତଥା ଶ୍ରଦ୍ଧାଳୁଙ୍କ ମଧ୍ୟରେ ନିରାଶ ଭାବ ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁମାନେ ଘର ଚଉରା ମୂଳ, ଗାଁ ଭଗବତ ଗାଦିରେ କାର୍ତ୍ତିକ ବ୍ରତ ପାଳନ ଲାଗି ଯୋଜନା କରିଥିବା ଜଣାପଡିଛି।

ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି, ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ବିପଦ ଟଳି ନାହିଁ। ତେଣୁ ପୂର୍ବପେକ୍ଷା ଅଧିକ ସର୍ତ୍ତକ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସୁରକ୍ଷିତ ଭାବେ ଘରେ ରହି ବ୍ରତ ପାଳନ ଲାଗି ପରାମର୍ଶ ଦିଆଯାଇଛି।

## ଆଇଆଇଟିର ସମାବର୍ତ୍ତନ ଉତ୍ସବ ପାଳିତ




ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଜଟଣୀ,୨୦।୧୦(ଡି.ଏନ୍.ଏ.)

ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରର ୧୦ମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି କମ୍ୟୁନିଟି ହଲ ପରିସରରେ କରୋନା କଟକଣା ମଧ୍ୟରେ ଆୟୋଜିତ ଉତ୍ସବରେ ଇନ୍‌ଫୋସିସର ପ୍ରତିଷ୍ଠାତା ଏନ. ଆର. ନାରାୟଣ ମୂର୍ତ୍ତି ମୁଖ୍ୟଅତିଥି ଭାବେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଉତ୍ସବରେ ବିଭିନ୍ନ ବର୍ଗରେ ସଫଳତାର ସହ ଶିକ୍ଷା ସମାପ୍ତ କରିଥିବା ୫୫୯ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପଦକ ପ୍ରଦାନ କରାଯାଇଥିଲା। ଏମ. ଟେକ ରେ ୧୫୩ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ସମୟରେ ୩୫ ଜଣଙ୍କୁ ପିଏଚ୍‌ଡି, ୭୯ଜଣଙ୍କୁ ଏମ୍‌ଏସସି, ୨୫୬ଜଣଙ୍କୁ ବିଟେକ ଏବଂ ୩୬ଜଣଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିଭଳି କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ଉଲ୍ଲେଖନୀୟ ସଫଳତା ପାଇଁ ଦିନେଶ ମହାନ୍ତିଙ୍କୁ ସର୍ଣ୍ଣପଦକ ପ୍ରଦାନ କରାଯାଇଛି। ଶିବମ ହୋଣ୍ଡା, ଶାଶ୍ୱତ ପଣ୍ଡା ଏବଂ ହିତେଶ ଗୁପ୍ତାଙ୍କୁ ଡିରେକଟର ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ନିର୍ଦ୍ଦେଶକ ଆର. ଭି. ରାଜକୁମାର, କୁଳସଚିବ ଦେବରାଜ ରଥଙ୍କ ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।

## ପଣ୍ଡିତ କେ. ରାମାରାଓ ପାତ୍ରଙ୍କୁ ‘ଗୁରୁ ସହଦେବ ପାଢ଼ୀ ସ୍ମାରକୀ ସମ୍ମାନ’

ଭୁବନେଶ୍ୱର, ୨୦।୧୦ (ବ୍ୟୁରୋ)

### ଉତ୍କ୍ର ପକ୍ଷରୁ ଅଷ୍ଟାଦଶ କୁମାର ଉତ୍ସବ

ଓଡ଼ିଶୀ ନୃତ୍ୟଗୁରୁ ସହଦେବ ପାଢ଼ୀଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ଡ୍ୟାନ୍ସ ଆଣ୍ଡ୍ ରିସର୍ଚ୍ଚ ଏକାଡେମୀ(ଉତ୍କ୍ର) ପକ୍ଷରୁ ଅଷ୍ଟାଦଶ କୁମାର ଉତ୍ସବ ବୁଧବାର ଆରମ୍ଭ ହୋଇଛି। ଭର୍ଚୁଆଲରେ ଆୟୋଜିତ ଏହି ଦୁଇଦିନିଆ ଉତ୍ସବକୁ ଏମ୍‌ପି ତଥା ବିଶିଷ୍ଟ ଅଭିନେତା ପ୍ରଶାନ୍ତ ନନ୍ଦ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଓ ‘ଉତ୍କ୍ର’ ଅଧ୍ୟକ୍ଷ ପୂର୍ବତନ ପୋଲିସ ପ୍ରଶାସକ ବଟକୃଷ୍ଣ ତ୍ରିପାଠୀ ଯୋଗଦେଇ କୁମାର ଉତ୍ସବ ପରମ୍ପରା ସହ ଓଡ଼ିଶାର କଳା ସଂସ୍କୃତିର ସମ୍ପର୍କ ଉପରେ କହିଥିଲେ। ଏହି ଅବସରରେ ପ୍ରଥିତଯଶା ବୀଣା ବାଦନ ଗୁରୁ ତଥା ବିଶିଷ୍ଟ ସଙ୍ଗୀତଜ୍ଞ ପଣ୍ଡିତ କେ.ରାମାରାଓ ପାତ୍ରଙ୍କୁ ୨୦୨୧ ବର୍ଷର ସମ୍ମାନଜନକ ‘ଗୁରୁ ସହଦେବ ପାଢ଼ୀ ସ୍ମାରକୀ ସମ୍ମାନ’ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୧୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର, ଉପାୟନ ଓ ସ୍ମୃତିଫଳକ ଦିଆଯାଇଥିଲା।

ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିଳ୍ପୀମାନେ ଗୁରୁ ଆରତୀ କରଙ୍କ ସଂଯୋଜନାରେ ଦଳଗତ ନୃତ୍ୟ ‘କୁଆଁର ପୁନେଇ ଜହ୍ନ ଗୋ’ ଓ ଗୁରୁ ବିଜୟ ଜେନାଙ୍କ ସଂଯୋଜନାରେ ବୃନ୍ଦ ତବଲା ବାଦନ ପରିବେଷଣ କରିଥିଲେ। ସଙ୍ଗୀତ ଗୁରୁ ଉମେଶ ଚନ୍ଦ୍ର ଦାଶଙ୍କ ପରିଚାଳନାରେ ଦଳଗତ ପରିବେଷଣ ‘ଗୀତ ଗୋବିନ୍ଦ’ ଓ ‘ଦେବୀ’ ବେଶ୍ ମନଛୁଆଁ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବାବେଳେ ଶୁଭଲକ୍ଷ୍ମୀ ପାଢ଼ୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଲୁଟେରା ଗ୍ୟାଙ୍ଗ୍ ଧରାପଡିଲା, ୩ ଗିରଫ

### ୫୧ ମୋବାଇଲ, ଗୋଟିଏ ବାଇକ୍ ଜବତ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ରାଜଧାନୀରେ ବିଭିନ୍ନ ଥାନା ଅଞ୍ଚଳରେ ଲୁଟପାଟ୍ କରୁଥିବା ଏକ ଗ୍ୟାଙ୍ଗକୁ ଖଣ୍ଡଗିରି ଥାନା ପୋଲିସ ଧରିଛି। ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୫୧ ମୋବାଇଲ୍ ଫୋନ୍ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁର ଥାନା ଫୁଲେଶ୍ୱରୀ ବସ୍ତିର ସାଗର ପୁନ୍ ଓରଫ ନେପୁ(୨୬), ଗଞ୍ଜାମ ଜିଲା ପାଟପୁର ଥାନା କଂସାମାରୀ ଗ୍ରାମର ଦୀପ୍ତି ରଞ୍ଜ(୧୯) ଓ କଟକ ଜିଲା ବାଙ୍କି ଥାନା ଗୋପାଳପୁରର ସୋମନାଥ ସାହୁ(୨୩)। ଏମାନେ କିଛିଦିନ ହେବ ରାଜଧାନୀରେ ଉତ୍ପାତ କରୁଥିଲେ। ରାତିରେ ଯାଉଥିବା ଲୋକଙ୍କୁ ଟାର୍ଗେଟ କରି ଟଙ୍କା, ମୋବାଇଲ୍ ଫୋନ୍, ବାଇକ୍ ଆଦି ଲୁଟୁଥିଲେ। ଆଇଗିଣିଆ ଅଞ୍ଚଳରେ ଅଭିଯୁକ୍ତମାନେ ଅଧିକ ସକ୍ରିୟ ଥିଲେ। ଗତ ୧୨ ତାରିଖ ରାତି ପ୍ରାୟ ୨ଟାରେ ସ୍ଥାନୀୟ ଥାନା ଡୁମୁଡୁମା ଅଞ୍ଚଳର ବିଷ୍ଣୁ କୁମାର ସାହୁ ରେଳ ଷ୍ଟେଶନ ନିଜ ବାଇକରେ ଘରକୁ ଫେରୁଥିଲେ। ଟିଭିଏସ୍ ଶୋରୁମ ପାଖରେ ସାଗର ତାଙ୍କୁ ଅଟକାଇ ବାଇକ ଛଡାଇ ନେଇଯାଇଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୩୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜରୁ ସାଗର ଧରାପଡିବା ପରେ ତାଙ୍କୁ ପଚରାଉଚରା କରି ଅନ୍ୟମାନଙ୍କୁ ଗିରଫ କରିଥିଲା ପୋଲିସ।

## କାଠଯୋଡ଼ିରୁ ଯୁବକଙ୍କ ମୃତଦେହ ଜବତ

କଟକ ଅଫିସ,୨୦।୧୦

କଟକ ସଦର ଥାନା ଅଧୀନ କାଠଯୋଡି ନଦୀରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଭୁବନେଶ୍ୱର ଖାରବେଳ ନଗର ୟୁନିଟ୍-୩ ଅଞ୍ଚଳର ସପନ ବେହେରା(୩୧)। ପୋଲିସ ସୂଚନା ଅନୁଯାୟୀ, ସପନ ଏକ ଘରୋଇ କୋରିୟର କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ମଙ୍ଗଳବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ କଟକ ସ୍କୁଟି(ଓଆର୦୨ବିଆର-୭୯୫୬)ରେ ଯାଉଥିଲେ। କାଠଯୋଡି ପୋଲ ଉପରେ ସ୍କୁଟି ରଖି ହଠାତ୍ ନଦୀକୁ ଡେଇଁ ପଡ଼ିଥିଲେ। ବୁଧବାର ସକାଳେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ୍ ସହାୟତାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇଥିଲା। ଏନେଇ କଟକ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସପନଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଆର୍ଥିକ ସମସ୍ୟା ଯୋଗୁ ସେ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି ବୋଲି ପରିବାର ଲୋକେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

## ବେଆଇନ ବନ୍ଧୁକ କାରବାର:୪ ଗିରଫ

କଟକ ଅଫିସ,୨୦।୧୦

### ୫ ବନ୍ଧୁକ, ୨ ବାଇକ, ମୋବାଇଲ ଫୋନ୍ ଜବତ



ଜବତ ବନ୍ଧୁକ, ଗୁଳି ଓ ମୋବାଇଲ ଫୋନ୍ ।

ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅଧୀନ ଥାଟରାସାହିର ମଙ୍ଗୁ ଓରଫ ସୌମେନ୍ଦ୍ର ସାହୁ, ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳର କାଳିଆ ଓରଫ ସେକ୍ ସାଜିଦ ଅଲ୍ଲୀ, ବିରିଡି ଥାନା ଅଞ୍ଚଳର ଟିମିନା ଓରଫ ସୁଦର୍ଶନ ମଲ୍ଲିକ ଓ ବାଦଲ କୁମାର ଜେନା। ସେମାନଙ୍କଠାରୁ ୫ ବନ୍ଧୁକ, ୧୨ ଗୁଳି, ୨ଟି ବାଇକ୍ ଓ ୫ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ସୌମେନ୍ଦ୍ରଙ୍କ କହିବାନୁଯାୟୀ, ମଙ୍ଗଳବାର ରାତି ସାଢେ ୭ଟାରେ ଗତିରାଉତପାଟଣାସ୍ଥିତ ପଥରମୁଣ୍ଡେଇ ମଠ ନିକଟରେ ଅଭିଯୁକ୍ତମାନେ ବେଆଇନ ବନ୍ଧୁକ କାରବାର କରୁଥିଲେ। ଖବରପାଇ ଚାଉଳିଆଗଞ୍ଜ ଥାନା ଏସ୍‌ଆଇ ମାନେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। ସେମାନେ ବନ୍ଧୁକ ଆଣି କଟକ ଓ ଆଖପାଖ ଜିଲାର ଅପରାଧୀମାନଙ୍କୁ ଯୋଗାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମଙ୍ଗୁ ବହୁବର୍ଷଧରି ଏହି କାରବାରରେ ସମ୍ପୃକ୍ତ ଅଛନ୍ତି। ପୂର୍ବରୁ ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ମଙ୍ଗୁ ଓ କାଳିଆଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଛି। ଏହି ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ, ଏସିପି ଅମରେନ୍ଦ୍ର ପଣ୍ଡା ଓ ଆଇଆଇସି ଶଶିକାନ୍ତ ରାଉତ ଉପସ୍ଥିତ ଥିଲେ।

## ୨୧ ମଣ୍ଡପରେ ପୂଜା ପାଉଛନ୍ତି ମା’ ଗଜଲକ୍ଷ୍ମୀ

ଖୋର୍ଦ୍ଧା ଅଫିସ,୨୦।୧୦ :

ଖୋର୍ଦ୍ଧା ସହରରେ କରୋନା କଟକଣା ମଧ୍ୟରେ ମଣ୍ଡପରେ ଚାଲିଛି ମା’ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା। ଚଳିତବର୍ଷ ୨୧ଟି ମଣ୍ଡପରେ ପୂଜା ହେଉଛି। ଖୋର୍ଦ୍ଧା ଭୁବନେଶ୍ୱର ମାରୱାଡ ପଟିର ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟ ଆଶିଷ ଅଗ୍ରୱାଲ କହିଛନ୍ତି, ଖୋର୍ଦ୍ଧାରେ ପ୍ରଥମେ ୧୯୬୧ରେ ନବ କିଶୋର ରାମ, ଗଣପତ ରାମ ଏବଂ ମହାବୀର ରାମ ପ୍ରମୁଖ ମିଳିତ ଭାବେ ଏହି ପୂଜା ଆରମ୍ଭ କରିଥିଲେ। ସେହିପରି ପୁରୁଣା ବସଷ୍ଟାଣ୍ଡସ୍ଥିତ ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୧୯୭୨ ଅକ୍ଟୋବର ୨୨ରେ ପୂଜା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ପୂଜା ୫୦ବର୍ଷରେ ପହଞ୍ଚିଛି। ଖୋର୍ଦ୍ଧା ସହରରେ ଫେରିବାଲା ବେପାରୀଙ୍କୁ ନେଇ ଏହି ପୂଜା ଆୟୋଜନ ହୋଇଥିଲା। ମାନସିକଧାରୀ ପରିବାର ଦୀପ ପ୍ରଜ୍ୱଳିତ କରନ୍ତି। ନବଜ୍ୟୋତି ପୂଜା କମିଟିରୁ ଅଲଗା ହୋଇ ୧୯୭୩ରେ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଏନ୍‌ଏସି ମାର୍କେଟ କମ୍ପ୍ଲେକ୍ସରେ ଏହି ପୂଜା କମିଟି ଆରମ୍ଭ ହୋଇଥିଲା। ପ୍ରତିଦିନ ମା’ଙ୍କ ନିକଟରେ ବିଭିନ୍ନ ପ୍ରକାର ମିଷ୍ଟାନ୍ନ, ଶଙ୍ଖୁଡି ଭୋଗ, ଶେଷ ଦିନରେ ଦହିପଖାଳ ଭୋଗ କରାଯାଏ। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ସଭାପତି ରହିଥିବା ବେଳେ ଜୟକୃଷ୍ଣ ମହାପାତ୍ର ସମ୍ପାଦକ ଅଛନ୍ତି। ମାରୱାଡିପଟ୍ଟି କଳ୍ପତରୁ ଗଜଲକ୍ଷ୍ମୀ ପୂଜା କମିଟି ୧୫ବର୍ଷ ଧରି ଚାଲିଛି। ମାଙ୍କୁ ବିଭିନ୍ନ ପ୍ରକାର ମିଠେଇ, ଶୁଖିଲା, ଶଙ୍ଖୁଡି ଭୋଗ ହୋଇଥାଏ। ମୁକ୍ତାପ୍ରସାଦ ବଜାର ଗଜଲକ୍ଷ୍ମୀ କମିଟି ଆନୁକୂଲ୍ୟରେ ଗତ ୪୦ବର୍ଷ ହେଲା ଆୟୋଜିତ ହୋଇ ଆସୁଛି। ବର୍ତ୍ତମାନ ଯୁବକ ସଂଘ ଏହି ପୂଜା ଆୟୋଜନ କରୁଛନ୍ତି। ମାଙ୍କ ପୂଜାର୍ଚ୍ଚନା ରୀତିନୀତି ସହ ସପ୍ତମ ଦିନରେ ସପ୍ତ ପ୍ରକାର ଭୋଗ ଲାଗି କରାଯାଏ। ଖୋର୍ଦ୍ଧା ଜେଲ ରୋଡରେ ରହିଛି ଲକ୍ଷ୍ମୀ ମାର୍କେଟ। ଏହି ବଜାର ସଂଘ ପକ୍ଷରୁ ଦୀର୍ଘ ୧୦ବର୍ଷ ହେଲା ପୂଜା ଆୟୋଜିତ ହୋଇ ଆସୁଛି। ପ୍ରଥମ ଦିନରେ ଅବଢ଼ା ଲାଗି ହୋଇଥାଏ। ସପ୍ତଦିନ ବ୍ୟାପୀ ଛେନାପୋଡ, ରସଗୋଲା, ଖୀରୀ କାକରା, ଫଳ ପ୍ରଭୃତି ଭୋଗ ଲାଗି କରାଯାଏ। ସମବାୟ ଛକସ୍ଥିତ ପଞ୍ଚସଖା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୪୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପୂଜା ଆୟୋଜିତ ହୋଇଆସୁଛି। ଗାନ୍ଧୀ ମାର୍କେଟରେ ଗାନ୍ଧୀ ମାର୍କେଟ ଓ ଡାଲା ଅଟୋ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗତ ୨୫ ବର୍ଷ ଧରି ପୂଜା କରାଯାଉଛି ।

ଛକରେ ପଦ୍ମାଳୟା ପୂଜା କମିଟି ପକ୍ଷରୁ ୧୮ବର୍ଷ ହେବ ପୂଜା ଆୟୋଜନ କରାଯାଉଛି। ଛେନାପୋଡ଼, ରସଗୋଲା, ଖେଚୁଡି, ଦହିପଖାଳ, ବିଭିନ୍ନ ଫଳ ମାଙ୍କୁ ଲାଗି କରାଯାଏ। ପ୍ରତିବର୍ଷ ପୂଜା କମିଟି ପକ୍ଷରୁ ବିଭିନ୍ନ ସଚେତନତା ବାର୍ତ୍ତା ଦେଇଥାଏ। ସମୁଦ୍ର ମନ୍ଥନ, ଗଜ ଉଦ୍ଧାରଣ, ମାଙ୍କ ପଶାଖେଳ, ପ୍ରହ୍ଲାଦ ନାଟ ପ୍ରଭୃତି ବିଭିନ୍ନ ବେଶ ପ୍ରଦର୍ଶନୀ ଆକର୍ଷଣ ସାଜିଥାଏ। ହାବେଳି ପଡିଆ ଛକରେ ମହାବୀର ଟ୍ୟାକ୍ସି ଷ୍ଟାଣ୍ଡ ପୂଜା କମିଟି ପକ୍ଷରୁ ୨୦ବର୍ଷ ହେଲା ପୂଜା କରାଯାଉଛି। ନୂଆବସଷ୍ଟାଣ୍ଡ ରୋଡସ୍ଥିତ ସଦ୍‌ଭାବନା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୧୬ବର୍ଷ ଧରି ପୂଜା କରାଯାଉଛବୋଲି ସମ୍ପାଦକ ଶୋଭନ ଘୋଷ କହିଛନ୍ତି। ନୂଆବସଷ୍ଟାଣ୍ଡ ରୋଡରେ ଦିବ୍ୟାଶା ପୂଜା କମିଟି ଏବଂ ନୂଆବସଷ୍ଟାଣ୍ଡ ପୌର ପରିଷଦ ମାର୍କେଟ କମ୍ପ୍ଲେକ୍ସସ୍ଥିତ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗତ ୧୬ବର୍ଷ ଧରି ପୂଜା ଚାଲିଛି। ନୂଆବସଷ୍ଟାଣ୍ଡ ପରିସରରେ ଦିବ୍ୟଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗତ ୧୯ବର୍ଷ ଓ ପୁରୁଣା ମେଡିକାଲ ରୋଡ ବଣିକ ସଂଘ ପକ୍ଷରୁ ଗତ ୩୫ବର୍ଷ ଧରି ପୂଜା ଆୟୋଜନ କରାଯାଉଛି।ପୁରୁଣା ମେଡିକାଲ ରୋଡରେ ଗୋପବନ୍ଧୁ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପୂଜା ଆୟୋଜନ କରାଯାଉଛି ବୋଲି ସଭାପତି ନିରଞ୍ଜନ ଦୋରା କହିଛନ୍ତି। ଠେଙ୍ଗାହାଟସ୍ଥିତ ସାଗର କନ୍ୟା ପୂଜା କମିଟି ପକ୍ଷରୁ ଦୀର୍ଘ ବର୍ଷ ଧରି ପୂଜା ଆୟୋଜନ କରାଯାଉଛି ବୋଲି ସଦସ୍ୟ ଲଳିତ ମହାପାତ୍ର କହିଛନ୍ତି। ସେହିପରି ନୂଆବସଷ୍ଟାଣ୍ଡ ରୋଡରେ ଆର୍ଶିବାଦ ଗଜଲକ୍ଷ୍ମୀ ପୂଜା କମିଟି ଗତ ୨୦୧୨ ମସିହାରୁ ଏବଂ ନୟାଗଡ ରୋଡ ବାଣିଜ୍ୟ ସଂଘ ଏବଂ ଗଡଖୋର୍ଦ୍ଧା ପୂଜା କମିଟି ପକ୍ଷରୁ ଦୀର୍ଘ ବର୍ଷ ଧରି ପୂଜା ଆୟୋଜନ କରାଯାଉଛି। ହାବେଳି ପଡିଆ ଅସ୍ଥାୟୀ ପରିବା ବ୍ୟବସାୟୀ ସଂଘ ପକ୍ଷରୁ ଗତ ୨ବର୍ଷ ହେବ ପଡିଆ ପରିସରରେ ପୂଜା ଆୟୋଜିତ ହୋଇଆସୁଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧୦।୨୦୨୧

| | |
|---|---|
| ୨,୯୩,୧୦୬ ଟଙ୍କା | |
| ସୁନା | ୩୪୦ ମି.ଗ୍ରା. |
| ରୁପା | ୧୪.୫୦୦ ଗ୍ରାମ |

# ବଢୁଛି ଦାଦାବଟି ଆଦାୟ ଘଟଣା

## ୩ ମାସରେ ଗିରଫ ହେଲେଣି ୫୦ରୁ ଉର୍ଦ୍ଧ୍ୱ

ପୁରୀ ଅଫିସ, ୨୦।୧୦

ପୁରୀ ସହରରେ ଦାଦାବଟି ଆଦାୟ ଘଟଣା ବଢ଼ିବାରେ ଲାଗିଛି। ଦାଦାବଟି ପାଇଁ ବ୍ୟବସାୟୀ, ହୋଟେଲ ମାଲିକ, ନୂଆ ଘର ମାଲିକଙ୍କୁ ଟାର୍ଗେଟ କରାଯାଉଛି। ନୂଆଘର ବାବଦକୁ ଏକକାଳୀନ କିଛି ଟଙ୍କା ମଗାଯାଉଥିବା ବେଳେ ସମୁଦ୍ରକୂଳ ଅଞ୍ଚଳରେ ଥିବା ହୋଟେଲ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରୁ ନିର୍ଦ୍ଦିଷ୍ଟ ଅନ୍ତରାଳରେ ବଟି ଆଦାୟ ହେଉଛି। ଜୀବନ ଭୟରେ ଲୋକେ ବିରୋଧ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। କେତେକ କ୍ଷେତ୍ରରେ ଅଭିଯୋଗ ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଦାଦାବଟି ଆଦାୟକୁ ରୋକିପାରୁନାହିଁ।

ସୂଚନା ଅନୁଯାୟୀ, ଗତ ୧୧ ତାରିଖରେ ଅର୍ବାନ ହାଟରେ ପିସ୍ତଲ ଦେଖାଇ ଦୁଇଜଣ ଯୁବକ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ଗିରଫ ହୋଇଥିଲେ। ସେହିଭଳି ଗତ ୮ ତାରିଖରେ ବସଷ୍ଟାଣ୍ଡ ଓ ୪ତାରିଖରେ କୁମ୍ଭାରପଡ଼ା ଅଞ୍ଚଳରେ ଦାଦାବଟି ମାଗି ୨ଜଣ ଗିରଫ ହୋଇଥିଲେ। ସେହିଭଳି ଗତ ମାସ ୩୦ ତାରିଖରେ ଜଣେ ଯୁବକ ଭୁଜାଲି ଦେଖାଇ ଦାଦାବଟି ମାଗୁଥିବା ବେଳେ ଟାଉନ ଥାନା ପୋଲିସ ହାତରେ ଧରାପଡ଼ିଥିଲେ। ଗତ ମାସ ୨୭ରେ ୪ ଜଣ, ୨୦ ଓ ୧୯ ତାରିଖରେ ୨ଜଣ ଲେଖାଏ, ୧୪ ତାରିଖରେ ପେଣ୍ଠକଟାରୁ ୫ ଓ ସେପ୍ଟେମ୍ବର ୨ରେ ୨ଜଣ ଗିରଫ ହୋଇଥିଲେ। ଅଗଷ୍ଟ ୧୪ରେ ୫, ୧୫ରେ ୨ ଓ ୧୩ ତାରିଖରେ ୩ଜଣଙ୍କୁ ଗିରଫ କରାଯାଇଥିଲା। ଏହି ଭଳି ଭାବେ ଗତ ୩ମାସରେ ପୁରୀ ସହରେ ୫୦ରୁ ଉର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ପୋଲିସ କେବଳ ଦାଦାବଟି ମାମଲାରେ ଗିରଫ କରିଛି। ୨୦୧୯ରେ ପୋଲିସ କେତେଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଥିଲା। ସ୍ଥାନୀୟ ଲୋକେ ଦାଦାବଟି ନ ଦେବାରୁ ଏମାନେ ବିସ୍ଫୋରଣ ଓ ଗୁଳିକାଣ୍ଡ ଘଟାଇଥିଲେ। ଦୁର୍ଦ୍ଦାନ୍ତ ପପୁ ବରାଳ ଚଳିତ ବର୍ଷ ବଟି ମାଗି ଗିରଫ ହୋଇଥିବା ବେଳେ ୨୦୧୯ରେ ବସ୍‌ଷ୍ଟାଣ୍ଡର ବାହନ ପ୍ରଧାନଙ୍କୁ ଗିରଫ କରାଯାଇଥିଲା। ଦଶ ଅବତାର ମଠ ନିକଟ ଗ୍ରୋସେରି ଦୋକାନୀ ବଟି ନ ଦେବାରୁ ସେ ବିସ୍ଫୋରଣ ଘଟାଇଥିଲେ। ନୀଳଚକ୍ର ନଗରର ଟିଙ୍କି ସାଁ ଓ କୁମ୍ଭାରପଡ଼ାର ଚିଣ୍ଟୁ ସାମନ୍ତରାୟ ମଧ୍ୟ ଦାଦାବଟି ପାଇଁ ବିସ୍ଫୋରଣ ଘଟାଇଥିଲେ। ତେବେ ଗତ କିଛିମାସ ଧରି ବିସ୍ଫୋରଣ ଓ ଗୁଳିକାଣ୍ଡ ଭଳି ଘଟଣା ଘଟି ନ ଥିଲା। ଏବେ ପୁଣି ଦାଦାବଟି ମାଗୁଥିବା ବ୍ୟକ୍ତି ସକ୍ରିୟ ହୋଇଉଠିଲେଣି। ନରେନ୍ଦ୍ରକୋଣର ଜଣେ ବାସିନ୍ଦା ନାମ ଗୋପନ ରଖି କହିଛନ୍ତି, ଦାଦାବଟି ମାଗୁଥିବା ଲୋକଙ୍କ ପାଖରେ ମାରଣାସ୍ତ୍ର ରହୁଥିବାରୁ ସେମାନଙ୍କ ବିରୋଧରେ ଯିବାର ସାହସ ଯୋଗାଡ଼ କରିପାରୁନାହୁଁ। ଏ ନେଇ ସାମାଜିକ କର୍ମୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ଲକଡାଉନ୍ ସମୟରେ ପୁରୀ ସହରରେ ଦାଦାବଟି ଆଦାୟ ଅଭିଯୋଗ କମିଥିବା ଭଳି ମନେ ହେଉଥିଲା। ମାତ୍ର ଏବେ ପୁଣି ବଢ଼ିଛି। ପୋଲିସ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ମୂଳୋତ୍ପାଟନ କରିବାକୁ ଚାହୁଁଥିଲେ, ପ୍ରଥମେ ସ୍ଥାନୀୟ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଆବଶ୍ୟକ। ଲୋକେ ନିର୍ଭୟର ସହ ପୋଲିସକୁ ଖବର ଦେଇଲେ ଦାଦାବଟି ରୋକାଯାଇପାରିବ। ଲୋକେ ଦାଦାବଟି ଦେଉଥିଲେ ମଧ୍ୟ ସୁରକ୍ଷା ଦୃଷ୍ଟିକୋଣରୁ ପୋଲିସ ସମ୍ମୁଖକୁ ଆସି ଅଭିଯୋଗ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଅନ୍ୟପକ୍ଷରେ ପୁରୀ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଦାଦାବଟି ରୋକିବା ପାଇଁ ପୁରୀ ପୋଲିସ ପକ୍ଷରୁ ସବୁ ପ୍ରକାର ଉଦ୍ୟମ କରାଯାଉଛି। ସାହି କମିଟିଗୁଡ଼ିକୁ ମଧ୍ୟ ଏସମ୍ପର୍କିତ ସୂଚନା ଦେବା ପାଇଁ ଅପିଲ କରାଯାଇଛି। ଦାଦାବଟି ଅପରାଧ ବିରୋଧରେ ପୁରୀ ପୋଲିସ ଶୂନ୍ୟସହନଶୀଳତା ନୀତି ଆପଣାଉଛି। ତେଣୁ ଲୋକେ ଦାଦାବଟି ନ ଦେଇ ପୋଲିସ ଉପରେ ଭରସା ରଖି ସୂଚନା ଦେବା ଉଚିତ।

## ସଂକ୍ଷେପରେ

### କଉଡ଼ି ଖେଳିଲେ ଲକ୍ଷ୍ମୀ ନାରାୟଣ

ସାକ୍ଷୀଗୋପାଳ, ୨୦।୧୦(ଡି.ଏନ୍.ଏ.): ପ୍ରତିବର୍ଷ ପରି କୁମାରପୂର୍ଣ୍ଣମୀ ରାତିରେ ପରମ୍ପରା ଅନୁଯାୟୀ ସାକ୍ଷୀଗୋପାଳଙ୍କ ବିଜେ ପ୍ରତିମା ମଦନମୋହନଙ୍କ ସହିତ ମହାଲକ୍ଷ୍ମୀଙ୍କର କଉଡ଼ି ଖେଳ ଅନୁଷ୍ଠିତ ହୋଇଯାଇଛି। ବିଳମ୍ବିତ ରାତିରେ ଘଣ୍ଟ, ମହୁରି, ବାଜା, ମଶାଲ, କାହାଳୀ, ଛତିଚାମର ସହ ବିଜେ ପ୍ରତିମା ମଦନମୋହନ ମନ୍ଦିରରୁ ବିମାନରେ ବାହାରି ସିଂହଦ୍ୱାରସ୍ଥିତ କୁମାର ପୂର୍ଣ୍ଣମୀ ବେଦିକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କ ପକ୍ତିଭୋଗ, ଉପଚାର, ଆଳତି ଓ ବନ୍ଦାପନା କରାଯାଇଥିଲା। ପୂଜାପଣ୍ଡା, ପାଳିଆପତ୍ରୀ, ସିଂହାରୀ, ଭଣ୍ଡାର ମେକାପ ଆଦି ସେବାୟତ ଠାକୁରଙ୍କ ପ୍ରତିନିଧି ଭାବେ କଉଡି ଖେଳରେ ସାମିଲ ହୋଇଥିଲେ। ଠାକୁରଙ୍କ ହାତକୁ ଛୁଆଁଇ ରୁପାକଉଡି ଦାନ ୭ ମୁଠା ଖେଳିଥିଲେ। ଏହି ଦେବ ନୀତି ସମାପନ କରି ବିଜେ ପ୍ରତିମା ମନ୍ଦିରକୁ ବାହୁଡି ଯାଇଥିଲେ। ଏଥିପାଇଁ ଶ୍ରୀଜୀଉଙ୍କ ରିଜର୍ଭ ଭଣ୍ଡାରରୁ ରୁପା କଉଡ଼ି ବର୍ଷକୁ ଥରେ ବାହାର କରାଯାଇଥାଏ।

### ବାଇକ୍, ଟଙ୍କା ଜବତ: ୨ ଗିରଫ

ଗୋପ,୨୦।୧୦(ଡି.ଏନ୍.ଏ.): ଚୋରି ଅଭିଯୋଗରେ ଗୋପ ଥାନା ପୋଲିସ ବୁଧବାର ମଧ୍ୟାହ୍ନରେ ୨ ଲୁଟେରାଙ୍କୁ ଗିରଫ କରିବା ସହ ଗୋଟିଏ ଲୁଟ ମୋବାଇଲ ଓ ବାଇକ ଜବତ କରିଛି। ଏ ନେଇ ଏକ ମାମଲା(ନଂ. ୫୦୨/୨୧) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ କାଳନ୍ଦୀ ବେହେରା ସୂଚନା ଦେଇଛନ୍ତି। ୨ ଲୁଟେରା ହେଲେ ଭୁବନେଶ୍ୱର ବଡ଼ଗଡ଼ ଅଞ୍ଚଳରେ ରହୁଥିବା ମନୋଜ କୁମାର ନାୟକ ଓ ଭଦ୍ରକ ବାଲିପଡ଼ା ଅଞ୍ଚଳର ଭରତ ସେନାପତି। ବୁଧବାର ଅସ୍ତରଙ୍ଗ ଥାନା ଅଞ୍ଚଳର ବିବେକାନନ୍ଦ ସାହୁ କୌଣସି କାର୍ଯ୍ୟରେ କୋଣାର୍କ ଯାଇଥିଲେ। କୋଣାର୍କରୁ ଫେରୁଥିବା ବେଳେ ଗୋପ ଥାନା ଅଞ୍ଚଳ ବେଗୁନିଆ ଛକ ନିକଟରେ ନିଜ ବାଇକ ନିକଟରେ ଠିଆ ହୋଇ ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ମନୋଜ ଓ ଭରତ ଏକ ବାଇକ୍‌ରେ ଆସି ବିବେକାନନ୍ଦଙ୍କଠାରୁ ମୋବାଇଲ ଝାମ୍ପି ନେଇ ଦ୍ରୁତ ଗତିରେ ଗୋପ ଆଡ଼କୁ ପଳାଇ ଆସିଥିଲେ। ବିବେକାନନ୍ଦ ଏହି ଲୁଟେରାଙ୍କୁ ଗୋଡ଼ାଇ ଗୋପ ବଜାରରେ ଲୁଟେରାଙ୍କୁ ଧରି ପାଟି କରିଥିଲେ। ସ୍ଥାନୀୟ ଲୋକେ ଆସି ଲୁଟେରାଦ୍ୱୟଙ୍କୁ ଧରିବା ସହ ମାଡ଼ ମାରି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଲୁଟେରାଙ୍କୁ ଧରି ଆଣି ବାଇକ ଓ ଲୁଟ ମୋବାଇଲ ସହିତ ୩୭ ଶହ ଟଙ୍କା ଜବତ କରିଛି।

### ଭାଜପା କାର୍ଯ୍ୟକାରିଣୀ ବୈଠକ

ଗୋପ,୨୦।୧୦(ଡି.ଏନ୍.ଏ.): ଗୋପ ବ୍ଲକର ବେଗୁନିଆସ୍ଥିତ ମା' ଜାଗୁଳାଇ ମନ୍ଦିର ପରିସରରେ ଭାଜପାର କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି।ଏଥିରେ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗୋପ ମଣ୍ଡଳ ସଭାପତି ସୈଦାମିନୀ ସେନାପତି, ଯୁବ ମୋର୍ଚ୍ଚା ଉପସଭାପତି ଆଲୋକ ବେହେରା, ରାଜକିଶୋର ନାୟକ, ନିରଞ୍ଜନ ମହାପାତ୍ର, ତପସ୍ୱିନୀ ବେହେରା, ନରେଶ ଚନ୍ଦ୍ର ପ୍ରଧାନ, ସରପଞ୍ଚ ସୁଶାନ୍ତ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ଶିବ ପ୍ରସାଦ ସ୍ୱାଇଁ, ଯୋଗେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଭାଜପା ଚଳିତ ପଞ୍ଚାୟତ ନିର୍ବାଚନରେ ଗୋପ ବ୍ଲକ ଦଖଲ କରିବା ପାଇଁ ସମୟ ଆସିଛି ବୋଲି କହିଥିଲେ। ବୈଠକରେ ବ୍ଲକର ୧୪ଟି ପଞ୍ଚାୟତର ସମସ୍ତ ଭାଜପା କର୍ମୀ ଯୋଗଦେଇଥିଲେ। ଅପରାହ୍ନରେ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ କୁଶପୁତଳିକା ଦାହ କରିଥିଲେ।



ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ବୁଧବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ କୁମାର ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ୪୨ତମ କୁମାର ଉତ୍ସବ ଉଦ୍‌ଘାଟିତ

- ବିଭିନ୍ନ ବ୍ୟକ୍ତି ବିଶେଷ ସମ୍ମାନିତ
- ମନ ଛୁଇଁଲା ବର୍ଣ୍ଣାଳୀ, ଜେମ୍ସଙ୍କ ସଙ୍ଗୀତ

ପୁରୀ ଅଫିସ, ୨୦।୧୦

ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ବଡଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ୪୨ତମ କୁମାର ଉତ୍ସବ ପାଳିତ ହୋଇଛି। ପୂର୍ବରୁ ଏହି ଉତ୍ସବ ବେଳାଭୂମିରେ ପାଳନ ହେଉଥିବା ବେଳେ ଚଳିତବର୍ଷ କୋଭିଡ କଟକଣାକୁ ଦୃଷ୍ଟିରେ ରଖି ସୀମିତ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଚଳିତବର୍ଷ ପାଳନ କରାଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ସଦାଶିବ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାସ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦିବାକର ପାତ୍ର ଏବଂ ଅନୁଷ୍ଠାନ ଉପଦେଷ୍ଟା ଭକ୍ତ ଚରଣ ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିମାନେ ଅଭିଭାଷଣରେ ଅନୁଷ୍ଠାନର ନିରବଚ୍ଛିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରଯାଇଥିଲା। ପରେ ଅନୁଷ୍ଠାନ ସଦସ୍ୟମାନଙ୍କ ଦ୍ୱାରା ନୃତ୍ୟ ନାଟିକା କୁଆଁର ଜହ୍ନର ସାଥୀ ପରିବେଷଣ କରାଯାଇଥିଲା। ଏହାଛଡ଼ା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଆ ଚଳଚ୍ଚିତ୍ର ଜଗତର ଖ୍ୟାତନାମା କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା, ଜେମ୍ସଙ୍କ ସଙ୍ଗୀତ ପରିବେଷଣ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନା କରିଥିବା ବେଳେ ଶେଷରେ ସାଧାରଣ ସମ୍ପାଦକ ସଦାଶିବ ନାୟକ ଧନ୍ୟବାଦ ଦେଇଥିଲେ।

# ସନ୍ଧ୍ୟାବତୀ ପ୍ରଧାନଙ୍କୁ 'କୁମାରଶ୍ରୀ ସମ୍ମାନ'

ଭୁବନେଶ୍ୱର, ୨୦।୧୦ (ବ୍ୟୁରୋ)

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ୟୁଥ୍' ଏବଂ 'କଳିଙ୍ଗ ସଂସ୍କୃତି ଐତିହ୍ୟ ସୁରକ୍ଷା ମଞ୍ଚ' ପକ୍ଷରୁ ବୁଧବାର 'କୁମାର ଉତ୍ସବ-୨୦୨୧' ପାଳିତ ହୋଇଯାଇଛି । ୟୁନିଟ-୩ ବୁଦ୍ଧ ମନ୍ଦିରଠାରେ ଓଡିଶା ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ତଥା ୟୁଥର ଉପଦେଷ୍ଟା ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ସାମାଜିକ କର୍ମୀ ଡ଼. ଅରୁନ୍ଧତୀ ଦେବୀ ଯୋଗଦେଇ ଓଡିଶାର ପରମ୍ପରା ଓ କୁମାର ପୂର୍ଣ୍ଣମୀ ବିଶେଷତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନଙ୍କୁ 'କୁମାର ଶ୍ରୀ ସମ୍ମାନ', ଯୁବ ସାମାଜିକ କର୍ମୀ ସୋମ ଏବଂ ରଞ୍ଜନ ମହାପାତ୍ରଙ୍କୁ 'ୟୁଥ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଇଂ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। 'ୟୁଥ୍'ର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଓଭର ବ୍ରିଜ୍ ଉପରୁ ଖସି ପିଡ଼ିଲେ ବାଇକ ଚାଳକ

ଭୁବନେଶ୍ୱର, ୨୦।୧୦ (ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ବମୀଖାଲ ଓଭରବ୍ରିଜ ଉପରୁ ବୁଧବାର ଜଣେ ବାଇକ ଚାଳକ ଖସି ପଡିଛନ୍ତି। ଯୁବକ ଜଣକ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ଘେରି ଯାଇଥିଲେ। ପୋଲିସ ପହଞ୍ଚି ଆହତ ଯୁବକ ଜଣକୁ ଆମ୍ବୁଲାନ୍ସ ଡ଼ାକି କ୍ୟାପିଟାଲ ହସ୍ପିଟାଲରେ ପଠେଇଛି। ଗୁରୁତର ଯୁବକ ଜଣଙ୍କର ପରିଚୟ ମିଳିପାରି ନାହିଁ। ତାଙ୍କ ସ୍ଥିତି ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ତେବେ ଯୁବକ ଜଣକ କେଉଁ ପରିସ୍ଥିତିରେ ଓଭର ବ୍ରିଜ ଉପରୁ ଖସିପିଡ଼ିଲେ ତାହା ଜଣାପଡିନାହିଁ। ବ୍ରିଜ ଉପରୁ ତାଙ୍କ ବାଇକକୁ ପୋଲିସ ଜବତ କରିଛି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା, ରାତି ପ୍ରାୟ ୧୧। ବମୀଖାଲ ଓଭର ବ୍ରିଜ ଉପରୁ ହଠାତ ଜଣେ ଯୁବକ ଖସିପଡ଼ିଥିଲେ। ଯୁବକ ଜଣକ ରକ୍ତ ଜୁଡୁବୁଡୁ ହେଇ ପଡ଼ିଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକମାନେ ଘେରି ଯାଇଥିଲେ। ଲକ୍ଷ୍ମୀଶାଗର ଥାନା ଅଧିକାରୀ ସେହି ବାଟେ ଯାଉଥିବା ବେଳେ ଯୁବକଙ୍କୁ ଦେଖି ଉଦ୍ଧାର କରିଥିଲେ।

# ହିନ୍ଦୁଙ୍କ ଉପରେ ଆକ୍ରମଣକୁ ଭିଏଚ୍‌ପିର ନିନ୍ଦା

କାକଟପୁର,୨୦।୧୦(ଡି.ଏନ୍.ଏ.)

କାକଟପୁର ମା' ମଙ୍ଗଳା ମନ୍ଦିର ସମ୍ମୁଖରେ ବିଶ୍ୱହିନ୍ଦୁ ପରିଷଦ(ଭିଏଚ୍‌ପି) ପକ୍ଷରୁ ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ହେଉଥିବା ଆକ୍ରମଣ, ହିନ୍ଦୁ ମନ୍ଦିର ଉପରେ ଆକ୍ରମଣକୁ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭିଏଚ୍‌ପିର ରାଜ୍ୟ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ଜିଲା ସହ ସମ୍ପାଦକ ରଘୁନାଥ ମହାପାତ୍ର, ଜିଲା ଗୋ ସୁରକ୍ଷା ପ୍ରମୁଖ ମିହିର ରଞ୍ଜନ ଦୀକ୍ଷିତ ପ୍ରମୁଖ ଯୋଗଦେଇ ଅଣ ହିନ୍ଦୁମାନଙ୍କ ଏପରି କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ। ଦେଶ ବାହାରେ ଓ ଦେଶର ଜମ୍ମୁ କଶ୍ମୀର, ନାଗାସନ୍ନ୍ୟାସୀ, ହିନ୍ଦୁ ସନ୍ଥମାନଙ୍କ ଉପରେ ଅଣହିନ୍ଦୁଙ୍କ ସଂଘବଦ୍ଧ ଆକ୍ରମଣକୁ ପରିଷଦ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ଅଣହିନ୍ଦୁଙ୍କ ଆଚରଣ ଓ ଉଚ୍ଚାରଣକୁ ବିଶ୍ୱ ହିନ୍ଦୁ ପରିଷଦ ବରଦାସ୍ତ କରିବ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମସ୍ତ ହିନ୍ଦୁ ଭାଇ ଓ ଭଉଣୀମାନେ ଏକଜୁଟ ହୋଇ ବିଶ୍ୱହିନ୍ଦୁ ପରିଷଦର ସଂଗଠନକୁ ସୁଦୃଢ଼ କରିବା ପାଇଁ ରାଜ୍ୟ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ। ଏଥିରେ କାକଟପୁର ଅଞ୍ଚଳର ବିରଞ୍ଚି ନାରାୟଣ ଦାଶ, ମଙ୍ଗରାଜ ରଣା, କୈଳାସ ଚନ୍ଦ୍ର ନାୟକ, ତାପସ ଦୀକ୍ଷିତ, ପ୍ରାନ ଦୀକ୍ଷିତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ଭିଏଚ୍‌ପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୁବ୍ରତ


@ ରାଜେଶ


@ ରବିନାରାୟଣ


@ କାର୍ତ୍ତିକ


@ ଶୀତଲ


@ ମିହିର


@ ବିଶ୍ୱଜିତ୍

# ଶିକ୍ଷା, ସେବା ଥିଲା ବନ ବିଦ୍ୟାଳୟର ମୂଳମନ୍ତ୍ର

## ସ୍ୱନକ୍ଷତ୍ର ପାଳିତ

ସାକ୍ଷୀଗୋପାଳ, ୨୦।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)

କୁମାରପୂର୍ଣ୍ଣମୀ ଅବସରରେ ବୁଧବାର ସତ୍ୟବାଦୀ ବନବିଦ୍ୟାଳୟର ୧୧୩ ତମ ସ୍ୱନକ୍ଷତ୍ର ବନ ବିଦ୍ୟାଳୟର ପରବର୍ତ୍ତୀ ଶିକ୍ଷାନୁଷ୍ଠାନ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି । ଗୋପବନ୍ଧୁ ପଣ୍ଡିତ ହରିହର ଦାସ ଶର୍ମାଙ୍କ ପ୍ରେରଣାରେ ଉଦବୁଦ୍ଧ ହୋଇ ପଣ୍ଡିତ ନୀଳକଣ୍ଠ ଓ ଆଚାର୍ଯ୍ୟ ହରିହରଙ୍କୁ ନେଇ ବନବିଦ୍ୟାଳୟର ପରିକଳ୍ପନା କରିଥିଲେ। କୁମାରପୂର୍ଣ୍ଣମା ଜହ୍ନ ରାତିରେ ତିନିହେଁ ସୁଆଣ୍ଡୋ ଗ୍ରାମର ପୁରନ୍ଧା ଭାର୍ଗବୀ ନଦୀ କୂଳରେ ବସି ଆରପାରି ବଳପୁର ଶ୍ମଶାନ ଜୁଇର ନିଆଁକୁ ଚାହିଁ ଓଡ଼ିଶାର ସାମାଜିକ ବିକାଶ ପାଇଁ ଶପଥ ନେଇଥିଲେ। ଏଥିପାଇଁ ଶିକ୍ଷା, ସଂସ୍କାର ଓ ସେବାକୁ ମୂଳମନ୍ତ୍ର କରି ଗୁରୁକୁଳ ଢାଞ୍ଚାରେ ୧୯୦୯ ମସିହାରେ ତତକାଳୀନ ଓଡ଼ିଶାର ଶିକ୍ଷାବିତ ପଣ୍ଡିତ ହରିହର ଦାସଶର୍ମାଙ୍କ ଜନ୍ମତିଥିରେ ସତ୍ୟବାଦୀ ବକୁଳ ବନରେ ବନବିଦ୍ୟାଳୟ ସ୍ଥାପନ କରିଥିଲେ ବୋଲି ଐତିହ୍ୟ ସମ୍ପନ୍ନ ପୀଠର ସ୍ମୃତିଚାରଣ କରି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୋପବନ୍ଧୁ ମିଶନର ସଭାପତି ଡ. ଚିତ୍ତରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିରୂପେ ନାଟ୍ୟକାର ପ୍ରଦୀପ ବିଶ୍ୱାଳ, ସମ୍ମାନିତ ଅତିଥି ପ୍ରାଚୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଲୀପ ସେନାପତି, ଅବସରପ୍ରାପ୍ତ ଶିକ୍ଷକ ପ୍ରଭାତ ଚନ୍ଦ୍ର ରଥ ଓ ଭାରତ ବିକାଶ ପରିଷଦର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମାଟିର ମହକର ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ମିଶନର ସମ୍ପାଦକ ସତ୍ୟବାଦୀ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ବିଜୟ ପରିଡ଼ା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କବୟିତ୍ରୀ ବିଶାଖା ଦେବୀଙ୍କ ପୁସ୍ତକ 'ପ୍ରୀତି କବିତା ମୋର' ଅତିଥିମାନେ ଉନ୍ମୋଚିତ କରିଥିଲେ। କବିତା ପାଠ ଉତ୍ସବକୁ ପାଲାଗାୟକ ବିଜୟ ପଟ୍ଟନାୟକ ସଂଯୋଜନା କରିଥିଲେ । ଭାରତ ବିକାଶ ପରିଷଦର ସଙ୍ଗଠନ ସଚିବ ବସନ୍ତ ସ୍ୱାଇଁ, ଅର୍ଥ ସଚିବ ମୃତ୍ୟୁଞ୍ଜୟ ମହାପାତ୍ର, ଶକ୍ତିଧର ପାଟ୍ଟଶାଣୀ, ସୁକାନ୍ତି ଦାସ, ସୁନନ୍ଦା ମହାନ୍ତି, ପୁଷ୍ପାଞ୍ଜଳିଦାଶ, ସଂଯୁକ୍ତା ମିଶ୍ର ଓ ଭୀମସେନ ମହାପାତ୍ର ପ୍ରମୁଖ କବିତାପାଠ କରିଥିଲେ।



ବନ ବିଦ୍ୟାଳୟର ଜନ୍ମତିଥି ପାଳନ ଅବସରରେ ଅତିଥି ଏବଂ ଅନ୍ୟମାନେ।

# ଆଧୁନିକତାର ଚାକଚକ୍ୟରେ ହଜିଯାଉଛି ପରମ୍ପରା

ପୁରୀ ଅଫିସ, ୨୦।୧୦

ପର୍ବ ପର୍ବାଣୀ ମଧ୍ୟରେ କୁମାର ପୂର୍ଣ୍ଣିମା ଏକ ବିଶେଷ ପର୍ବ। ଆଶ୍ୱିନ ମାସ ପୂର୍ଣ୍ଣିମାକୁ କୁମାରୀ କନ୍ୟାମାନେ କୁମାର ପୂର୍ଣ୍ଣିମା ଭାବେ ପାଳନ କରିଥାନ୍ତି। ଏହି ଦିନ ମା' ଲକ୍ଷ୍ମୀଙ୍କ ଆରଧନା କରାଯାଇଥାଏ। ସାଧାରଣରତଃ କୁମାରୀ କନ୍ୟାମାନେ ଉତ୍ତମ ଓ ସୁନ୍ଦର ବର ପାଇବା ଆଶାରେ ଏହି ବ୍ରତ ପାଳନ କରିଥାନ୍ତି। କୁମାରୀ କନ୍ୟାମାନେ ଚଉରା ମୂଳରେ କାର୍ତ୍ତିକେୟ ଓ ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ପୂଜା କରିଥାନ୍ତି। ଆଧୁନିକ ସମାଜ ଭିତରେ ପାଶ୍ଚାତ୍ୟର ପ୍ରଭାବ ଫଳରେ କୁମାର ପୂର୍ଣ୍ଣିମା ଆସ୍ତେ ଆସ୍ତେ ଫିକା ପଡୁଥିବା ଦେଖିବାକୁ ମିଳିଛି। ନା ଅଛି ଉପାସର ବିଧିବିଧାନ ନା ଅଛି ସେହି କବାଡି କି ପୁଚି ଖେଳର ଆସର।



କୁମାରୀମାନେ ଚଉରା ନିକଟରେ ଚାନ୍ଦ ବନ୍ଦାପନା ପାଇଁ ଆଞ୍ଜୁଳା ଟେକୁଛନ୍ତି।

## ଆଧୁନିକତା ନାଁରେ ସଂସ୍କୃତି, ପରମ୍ପରାକୁ ଭୁଲିଯିବା ଉଚିତ ନୁହେଁ



"ଆଧୁନିକ ସମାଜରେ ଧିରେ ଧିରେ ପର୍ବ ପର୍ବାଣି ଲୋପ ପାଇବାରେ ଲାଗିଛି। ପ୍ରାୟତଃ ଆଜିକାଲିକା ପିଲା ଏହାକୁ ଫ୍ୟାଶନ ବୋଲି ଭାବୁଛନ୍ତି। ନୂଆ ଡ୍ରେସ ପିନ୍ଧିବା ଓ ସାଙ୍ଗ ସାଥୀଙ୍କ ବୁଲିବା ପାଇଁ ଓଷା କରୁଛନ୍ତି। ନା ଆଗ ଭଳି ଉପାସ କରୁଛନ୍ତି ନା ନୀତି ନିୟମ ମାନୁଛନ୍ତି। ଯେତେବେଳେ ଆମେ କୁମାରୀ ଥିଲୁ ସେତେବେଳେ ୭ଦିନ ପୂର୍ବରୁ ଓଷା ଆରମ୍ଭ କରୁଥିଲୁ। ଜହ୍ନି, କାକୁଡି, ଆମିଷ, ନଡିଆ ଏବଂ ଆଞ୍ଜୁଳି ଟେକାଯାଉଥିବା ଫଳ ଓ ପନିପରିବା ଖାଉ ନ ଥିଲୁ। ରାତିରେ ଜହ୍ନି ଫୁଲରେ କୋଠି ତିଆରି କରି ପୂଜା କରି ଜହ୍ନ ଓଷା ଗୀତ ଗାଇ ଫୁଲ ଗୁଡିକୁ ପକାଉଥିଲୁ, ମାତ୍ର ତାହା ଏବେ ଦେଖିବାକୁ ମିଳୁନି। କୁମାର ପୂର୍ଣ୍ଣିମା ଦିନ ଭୋର ୪ଟାରେ ଉଠି ନିତ୍ୟକର୍ମ ସାରି ସଜ ହୋଇ ନୂଆ ଡ୍ରେସ ପିନ୍ଧି ଉଦିତ ସୂର୍ଯ୍ୟଙ୍କୁ ୩ଥର ଆଞ୍ଜୁଳି ଟେକୁଥିଲୁ। ସେହିଭଳି ସନ୍ଧ୍ୟାରେ ମଣ୍ଡା ଓ କାକରା ସହ ଆଞ୍ଜୁଳିରେ ପ୍ରସ୍ତୁତ ହୋଇଥିବା ଚକଡ଼ା ଚଉରା ମୂଳରେ ପୂଜା କରିବା ପରେ ତାକୁ ଅଧା ଖାଇ ଅଧା ବାହାରେ ପକାଉଥିଲୁ। ମାତ୍ର ଏବେ ଏହା ଦେଖିବାକୁ ମିଳୁନି। ଆଧୁନିକତା ନାଁରେ ନିଜ ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା ଉଚିତ ନୁହେଁ।

–ପୁଷ୍ପଲତା ମହାନ୍ତି, ଗୃହିଣୀ

## ଏହି ଦିନକୁ ଅପେକ୍ଷା କରି ରହିଥାଏ



"ମୁଁ ଏହି ଦିନକୁ ଅପେକ୍ଷା କରି ରହିଥାଏ। ଏହି ଦିନ ନୂଆ ପୋଷାକ ପିନ୍ଧି ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଆଞ୍ଜୁଳି ଟେକିବା ସହ ସାଙ୍ଗସାଥୀଙ୍କ ସହ ମଜା କରେ। ଏହା ପ୍ରଭୁ କାର୍ତ୍ତିକ ଜନ୍ମ ଦିନ ଏବଂ ଓଡ଼ିଶାର ଏକ ବିଶେଷ ପର୍ବ। ଆମେ ସମ୍ପୂର୍ଣ୍ଣ ଉପବାସ ରହି ଏହି ଓଷା କରିଥାଉ। ସକାଳେ ଟେକାଯାଇଥିବା ଆଞ୍ଜୁଳିରେ ଚାନ୍ଦ ଚକଡ଼ା ତିଆରି କରି ଜହ୍ନ ଆକୃତିର ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ପୂଜା କରିଥାଉ। ପୂଜା ପରେ ଏହି ଚାନ୍ଦ ଚକଡ଼ାକୁ ଆମେ ଲୁଚାଇ କିଛି ଖାଇବା ସହ କିଛି ବାହାରେ ପକାଇଥାଉ।

–ରୀତିକା ସାହୁ

## ବିଧି ରକ୍ଷା ପାଇଁ କୁମାରପୂର୍ଣ୍ଣିମା ପାଳନ କରୁଛୁ



"ପ୍ରତିବର୍ଷ କୁମାର ପୂର୍ଣ୍ଣିମାକୁ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରୁଥିଲୁ। ମାତ୍ର ବିଗତ ଦୁଇବର୍ଷ ହେବ ମହାମାରୀ କରୋନା କଟକଣା କାରଣରୁ ଏଥିରେ ଫିକା ପଡ଼ିଛି। ତେବେ ବିଧି ରକ୍ଷା ପାଇଁ କୁମାର ପୂର୍ଣ୍ଣିମା ପାଳନ କରିଛୁ। ଦିନସାରା ଉପବାସ କରିବା ପରେ ସନ୍ଧ୍ୟାରେ ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଚାନ୍ଦପୂଜା କରିଥିଲି। ଭଲ ବର ପାଇବା ପାଇଁ ଏହି ଓଷା କରାଯାଏ ବୋଲି ଶୁଣିଛି।

– ବିଶାଖା ସାହୁ

## ପୁଚି ଖେଳିବା ପରମ୍ପରା ଆଉ ନାହିଁ



"କୁମାର ପୂର୍ଣ୍ଣିମାରେ ଝିଅମାନେ ପୁଚି ଖେଳିବାର ପରମ୍ପରା ରହିଛି। ଏହା ଦ୍ୱାରା ସେମାନେ ମାନସିକ ଓ ଶାରିରୀକ ଭାବେ ସୁସ୍ଥ ରହିଥାନ୍ତି। କିନ୍ତୁ ବର୍ତ୍ତମାନ ପୁଚି ପ୍ରାୟତଃ ଲୋପ ପାଇଗଲାଣି। କଲେଜ ପଢୁଆ ଝିଅମାନେ ଆଉ ଏସବୁ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ସେମାନେ ଆଧୁନିକତାର ବଶବର୍ତ୍ତୀ ହେବାରେ ଲାଗିଲେଣି। ଶାରିରୀକ କ୍ରୀଡ଼ାକୁ ଭୁଲି ମୋବାଇଲରେ ଦିନ କଟାଉଛନ୍ତି।

–ଚୌଧୁରୀ ପାର୍ଥସାରଥି ମହାପାତ୍ର, ଜାତୀୟ ଖେଳାଳି ତଥା ପ୍ରଶିକ୍ଷକ

## ସଂକ୍ଷେପରେ

### ପଣ୍ଡିତ କେ. ରାମାରାଓ ପାତ୍ରଙ୍କୁ 'ଗୁରୁ ସହଦେବ ପାଢ଼ୀ ସ୍ମାରକୀ ସମ୍ମାନ'

ଭୁବନେଶ୍ୱର,୨୦।୧୦(ବ୍ୟୁରୋ): ଓଡ଼ିଶୀ ନୃତ୍ୟଗୁରୁ ସହଦେବ ପାଢ଼ୀଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ଡ୍ୟାନ୍ସ ଆଣ୍ଡ୍ ରିସର୍ଚ୍ଚ ଏକାଡେମୀ(ଉଡ୍ର) ପକ୍ଷରୁ ଅଷ୍ଟାଦଶ କୁମାର ଉତ୍ସବ ବୁଧବାର ଆରମ୍ଭ ହୋଇଛି। ଭର୍ଚୁଆଲରେ ଆୟୋଜିତ ଏହି ଦୁଇଦିନିଆ ଉତ୍ସବକୁ ଏମ୍‌ପି ତଥା ଅଭିନେତା ପ୍ରଶାନ୍ତ ନନ୍ଦ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଓ 'ଉଡ୍ର' ଅଧକ୍ଷ ପୂର୍ବତନ ପୋଲିସ ପ୍ରଶାସକ ବଟକଷ୍ଣ ତ୍ରିପାଠୀ ଯୋଗଦେଇ ଥିଲେ। ଏହି ଅବସରରେ ବୀଣା ବାଦନ ଗୁରୁ ତଥା ବିଶିଷ୍ଟ ସଙ୍ଗୀତଜ୍ଞ ପଣ୍ଡିତ କେ.ରାମାରାଓ ପାତ୍ରଙ୍କୁ ୨୦୨୧ ବର୍ଷର 'ଗୁରୁ ସହଦେବ ପାଢ଼ୀ ସ୍ମାରକୀ ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୧୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର, ଉପାୟନ ଓ ସ୍ମୃତିଫଳକ ଦିଆଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିଳ୍ପୀମାନେ ଗୁରୁ ଆରତୀ କରଙ୍କ ସଂଯୋଜନାରେ ଦଳଗତ ନୃତ୍ୟ 'କୁଆଁର ପୁନେଇ ଜହ୍ନ ଗୋ' ଓ ଗୁରୁ ବିଜୟ ଜେନାଙ୍କ ସଂଯୋଜନାରେ ବୃନ୍ଦ ତବଲା ବାଦନ ପରିବେଷଣ କରିଥିଲେ। ସଙ୍ଗୀତ ଗୁରୁ ଉମେଶ ଚନ୍ଦ୍ର ଦାଶଙ୍କ ପରିଚାଳନାରେ ଦଳଗତ ପରିବେଷଣ 'ଗୀତ ଗୋବିନ୍ଦ' ଓ 'ଦେବୀ' ବେଶ୍ ମନଛୁଆଁ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବାବେଳେ ଶୁଭଲକ୍ଷ୍ମୀ ପାଢ଼ୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

### ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ପୁରୀ ଅଫିସ, ୨୦।୧୦: କଳାହାଣ୍ଡିର ମମିତା ମେହେର ହତ୍ୟା ଘଟଣାରେ ସଂପୃକ୍ତ ଥିବା ଅଭିଯୋଗ ଆଣି ଭାଜପା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟସିଂହ ମିଶ୍ରଙ୍କ ଇସ୍ତଫା ଓ ଗିରଫ ଦାବି କରିଛି। ଏ ନେଇ ବୁଧବାର ଭାଜପା ତରଫରୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପୁରୀ ଏସପିଙ୍କ୍ ଅଫିସ ଆଗାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଛି। ମନ୍ତ୍ରୀଙ୍କ କୁଶପୁଳିକା ଦାହ କରାଯାଇଛି। ଘଟଣାର ନିରପେକ୍ଷ ତଦନ୍ତ ଦାବି କରାଯାଇଛି। ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ନ ମିଳିଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଷଡଙ୍ଗୀ କହିଛନ୍ତି।

### ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ପୁରୀ ଅଫିସ, ୨୦।୧୦: କଳାହାଣ୍ଡିର ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ବୁଧବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବି କରାଯାଇଛି। ଏ ନେଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ମନ୍ତ୍ରୀ ମିଶ୍ରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କୁଶପୁତ୍ତଳିକା ଦାହ କରାଯାଇଥିଲା। ସେହିପରି ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ମଧ ବିକ୍ଷୋଭ କରାଯାଇଛି। ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଓଡ଼ିଶା ଅନ୍ୟ ରାଜ୍ୟକୁ କମ୍ ଦରରେ ବିଦ୍ୟୁତ ଯୋଗାଉଛି। ହେଲେ ଓଡ଼ିଶା ସରକାର ଟାଟା କମ୍ପାନୀ ସହିତ ମିଶି ରାଜ୍ୟର ଗ୍ରାହକଙ୍କ ଠାରୁ ୟୁନିଟ ପିଛା ଅଧିକ ଟଙ୍କା ନେଉଛନ୍ତି। ସେହିପରି ପ୍ରିପେଡ୍ ବ୍ୟବସ୍ଥା ନେଇ ଟାଟା କମ୍ପାନୀ ଯେଉଁ ଯୋଜନା କରିଛି ତାହା ଦ୍ୱାରା ଗରିବ ଲୋକେ ହଇରାଣ ହେବେ। ଦିଲ୍ଲୀ ସରକାର ମାଗଣାରେ ଦୁଇ ଶହ ୟୁନିଟ ବିଦ୍ୟୁତ ଯୋଗାଉଥିବାବେଳେ ଓଡ଼ିଶା ସରକାର କାହିଁକି ଦେଉନାହାନ୍ତି ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ମନ୍ତ୍ରୀ ମିଶ୍ର ବ୍ୟାପକ ଅର୍ଥ ନେଇ ବିଦ୍ୟୁତ୍ ବ୍ୟବସ୍ଥାକୁ କମ୍ପାନୀ ହାତକୁ ଟେକି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି।

# ଲୁଟେରା ଗ୍ୟାଙ୍ଗ୍ ଧରାପଡ଼ିଲା, ୩ ଗିରଫ

**୫୧ ମୋବାଇଲ, ଗୋଟିଏ ବାଇକ ଜବତ**

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ରାଜଧାନୀରେ ବିଭିନ୍ନ ଥାନା ଅଞ୍ଚଳରେ ଲୁଟପାଟ୍ କରୁଥିବା ଏକ ଗ୍ୟାଙ୍ଗକୁ ଖଣ୍ଡଗିରି ଥାନା ପୋଲିସ ଧରିଛି। ଗ୍ୟାଙ୍ଗ୍‌ର ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୫୧ ମୋବାଇଲ୍ ଫୋନ୍ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁର ଥାନା ଫୁଲେଶ୍ୱରୀ ବସ୍ତିର ସାଗର ପୁନ୍ ଓରଫ ନେପୁ(୨୬), ଗଞ୍ଜାମ ଜିଲା ପାଟପୁର ଥାନା କଂସାମାରୀ ଗ୍ରାମର ଦୀପ୍ତି ରଞ୍ଜ(୧୯) ଓ କଟକ ଜିଲା ବାଙ୍କି ଥାନା ଗୋପାଳପୁରର ସୋମନାଥ ସାହୁ(୨୩)। ଏମାନେ କିଛିଦିନ ହେବ ରାଜଧାନୀରେ ଉତ୍ପାତ କରୁଥିଲେ। ରାତିରେ ଯାଉଥିବା ଲୋକଙ୍କୁ ଟାର୍ଗେଟ କରି ଟଙ୍କା, ମୋବାଇଲ୍ ଫୋନ୍, ବାଇକ୍ ଆଦି ଲୁଟୁଥିଲେ। ଆଇଗିଣିଆ ଅଞ୍ଚଳରେ ଅଭିଯୁକ୍ତମାନେ ଅଧିକ ସକ୍ରିୟ ଥିଲେ। ଗତ ୧୨ ତାରିଖ ରାତି ପ୍ରାୟ ୨ଟାରେ ସ୍ଥାନୀୟ ଥାନା ଡୁମୁଡୁମା ଅଞ୍ଚଳର ବିଷ୍ଣୁ କୁମାର ସାହୁ ରେଳ ଷ୍ଟେଶନ ନିଜ ବାଇକରେ ଘରକୁ ଫେରୁଥିଲେ। ଟିଭିଏସ୍ ଶୋରୁମ ପାଖରେ ସାଗର ତାଙ୍କୁ ଅଟକାଇ ବାଇକ ଛଡାଇ ନେଇଯାଇଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୩୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜରୁ ସାଗର ଧରାପଡିବା ପରେ ତାଙ୍କୁ ପଚରାଉଚରା କରି ଅନ୍ୟମାନଙ୍କୁ ଗିରଫ କରିଥିଲା ପୋଲିସ।

# ଆଇଆଇଟିର ସମାବର୍ତ୍ତନ ଉତ୍ସବ ପାଳିତ

ଜଟଣୀ,୨୦।୧୦(ଡି.ଏନ୍.ଏ.)

ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରର ୧୦ମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଆଇଆଇଟି କମ୍ୟୁନିଟି ହଲ ପରିସରରେ ଆୟୋଜିତ ଉତ୍ସବରେ ଇନ୍‌ଫୋସିସର ପ୍ରତିଷ୍ଠାତା ଏନ. ଆର. ନାରାୟଣ ମୂର୍ତ୍ତି ମୁଖ୍ୟଅତିଥି ଭାବେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ଉତ୍ସବରେ ବିଭିନ୍ନ ବର୍ଗରେ ସଫଳତାର ସହ ଶିକ୍ଷା ସମାପ୍ତ କରିଥିବା ୫୫୯ ଛାତ୍ରୀଛାତ୍ରଙ୍କୁ ପଦକ ପ୍ରଦାନ କରାଯାଇଥିଲା। କମ୍ପ୍ୟୁଟର ବିଜ୍ଞାନରେ ଉଲ୍ଲେଖନୀୟ ସଫଳତା ପାଇଁ ଦିନେଶ ମହାନ୍ତିଙ୍କୁ ସର୍ଣ୍ଣପଦକ ଦିଆଯାଇଛି। ଶିବମ ହୋଣ୍ଡା, ଶାଶ୍ୱତ ପଣ୍ଡା ଓ ହିତେଶ ଗୁପ୍ତାଙ୍କୁ ଡିରେକଟର ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଆଇଆଇଟି ନିର୍ଦ୍ଦେଶକ ଆର. ଭି. ରାଜକୁମାର, କୁଳସଚିବ ଦେବରାଜ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଗୀତିନାଟ୍ୟ ପରମ୍ପରାକୁ ସମୃଦ୍ଧ କରିଥିଲେ ବୈଷ୍ଣବ ପାଣି

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ଓଡ଼ିଆ ଯାତ୍ରା, ସୁଆଙ୍ଗ, ରାସ, ଗୀତିନାଟ୍ୟ ଓ ଲୋକନାଟ୍ୟ ଆନ୍ଦୋଳନର ଭୀଷ୍ମ ପିତାମହ ତଥା ସମାଜ ସଂସ୍କାରକ ଥିଲେ ଗଣକବି ବୈଷ୍ଣବ ପାଣି। ତାଙ୍କ ନାଟକ ଓ ଅଭିନୟରେ ଜାତୀୟତାବାଦୀ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ଲୋକଙ୍କୁ ଉଦ୍‌ବୁଦ୍ଧ କରୁଥିଲା ବୋଲି ବୁଧବାର ୧୩୯ତମ ଜୟନ୍ତୀ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ରାଜ୍ୟ ପାଠାଗାର ନିକଟ ପ୍ରତିମୂର୍ତ୍ତିସ୍ଥଳୀରେ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ସଭାପତି ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ, ବିଭାଗର ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଜୟ ଓଡ଼ିଶା ଅଧକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧକ୍ଷ ପ୍ରଦ୍ୟୁମ୍ନ, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା, ସଂସଦ ସମ୍ପାଦକ ଦେବ ଜେନା, ରଜନୀକାନ୍ତ ପରିଡ଼ା, ଅବନୀ ଚନ୍ଦ୍ର ଦାସ, ସହସମ୍ପାଦକ ଦେବଜ୍ୟୋତି ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।କବି ନାରାୟଣ ମୁଦୁଲିଙ୍କୁ 'ଗଣକବି ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ଚିଲିକାରେ ବଢୁଛି ବିଦେଶୀ ପକ୍ଷୀଙ୍କ ସମାଗମ

ବାଲୁଗାଁ,୨୦।୧୦(ଡି.ଏନ୍.ଏ.)



■ପ୍ରଥମ ପର୍ଯ୍ୟାୟରେ ୨୨ହଜାରରୁ ଉର୍ଦ୍ଧ୍ୱ ପକ୍ଷୀ ଆସିଲେଣି

■ସୁରକ୍ଷା ପାଇଁ ବନ ବିଭାଗର ୨୧ କ୍ୟାମ୍ପ ଗଠନ

ବାୟୁମଣ୍ଡଳକୁ ଶୀତ ସ୍ପର୍ଶ ନ କରୁଣୁ ଏସିଆର ସର୍ବବୃହତ ଲବଣାକ୍ତ ହ୍ରଦ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ସୁଅ ଛୁଟିବା ଆରମ୍ଭ ହୋଇଛି। ଗତ ୨ସପ୍ତାହରୁ ବୁଧବାର ସୁଦ୍ଧା ସମଗ୍ର ଚିଲିକାକୁ ପ୍ରଥମ ପର୍ଯ୍ୟାୟରେ ୬୨ପ୍ରଜାତିର ୨୨ହଜାରରୁ ଉର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ସୂତ୍ରରୁ ଜଣାଯାଇଛି। ସେଥିମଧ୍ୟରୁ ନଳବଣରେ ୫୫ପ୍ରଜାତିର ମୋଟ ୫,୧୨୭ ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ସ୍ଥାନୀୟ ଦେଶୀ ପକ୍ଷୀ ମଧ ସମାଗମ ହୋଇଛନ୍ତି। ସର୍ବାଧିକ ସଂଖ୍ୟାରେ ଉଡ୍‌ସ୍ୟାଣ୍ଡ ପାଇପର୍ ୩୦୦, ଇରାସିଆନ୍ ଇୟୁଜିୟନ ୩୦୦, ପ୍ଲୋଭର ୨୮୦, ନର୍ଦନ ପିଣ୍ଟେଲ୍ ୨୫୦, ସୋଭଲର ୨୦୦, କମନକୁଟ୍ ୧୪୦, କମନ୍ ରେଡ୍‌ଷ୍ଟ୍ରକ୍ ୧୨୦, ଗୋଲଡେନ ପ୍ଲୋଭର ୧୦୦ଏବଂ ଚିଲିକାକୁ ଶୋଭା ବର୍ଦ୍ଧନ କରୁଥିବା ଆକର୍ଷଣୀୟ ଗ୍ରେଟର ଫ୍ଲେମିଙ୍ଗୋ (ଏରା ପକ୍ଷୀ) ଆଦି ପ୍ରଜାତିର ସ୍ୱଳ୍ପ ସଂଖ୍ୟା ପକ୍ଷୀଙ୍କ ଆଗମନ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏହାବ୍ୟତୀତ ଅବଶିଷ୍ଟ ପକ୍ଷୀ ବାହାର ଚିଲିକା ତଥା ଅନ୍ୟାନ୍ୟ ରେଞ୍ଜ ଟାଙ୍ଗି, ସାତପଡ଼ା, ଚିଲିକା ଓ ରମ୍ଭା ଆଦି ଅଞ୍ଚଳରେ ଦୃଷ୍ଟିଗୋଚର ହୋଇଛନ୍ତି।

ପ୍ରାୟତଃ ଅକ୍ଟୋବର ପହିଲାରୁ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। କିନ୍ତୁ ଚଳିତବର୍ଷ ଶୀତ ଆଗମନରେ ବିଳମ୍ବ ହେବା ସତ୍ତ୍ୱେ ତୃତୀୟ ସପ୍ତାହ ସୁଦ୍ଧା ଚିଲିକାକୁ ପକ୍ଷୀ ଆସିଯାଇଛନ୍ତି। ବରଫାବୃତ୍ତ ଅଞ୍ଚଳ ସାଇବେରିଆ, ରୁଷିଆ, କାଜାଖସ୍ତାନ, ଲଦାଖ, ମଙ୍ଗୋଲିଆ, ଆମେରିକା, କାନାଡା ଆଦି ରାଷ୍ଟ୍ରାଞ୍ଚଳରୁ ପ୍ରବଳ ହିମପ୍ରବାହ ଓ ଅସହ୍ୟ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ପକ୍ଷୀମାନେ ହଜାର ହଜାର ମାଇଲ୍ ଅତିକ୍ରମ କରି ଚିଲିକାକୁ ଆସନ୍ତି। ବିଶେଷକରି ପକ୍ଷୀମାନେ ନଳବଣ ଏବଂ ଟାଙ୍ଗି ରେଞ୍ଜ୍ ଅଧୀନ ମଙ୍ଗଳାଯୋଡ଼ି ଅଞ୍ଚଳରେ ରୁହନ୍ତି।

ଅନ୍ୟପକ୍ଷେ ପକ୍ଷୀଙ୍କ ଆଗମନ ହେତୁ ଶିକାରୀମାନେ ସକ୍ରିୟ ହୋଇପଡ଼ିଥିବା ବେଳେ ସୁରକ୍ଷା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ସଜାଗ ହୋଇଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ୨୧ଟି କ୍ୟାମ୍ପ ଓ ସ୍ଥଳପଥରେ ଗୋଟିଏ ଭ୍ରାମ୍ୟମାଣ ସ୍କ୍ୱାଡ ଗଠନ କରାଯାଇଛି। ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୧୧ଟି କ୍ୟାମ୍ପ, ବାଲୁଗାଁ ରେଞ୍ଜର ନଳବଣରେ ୪ଟି, ସାତପଡ଼ାରେ ୨ଟି, ରମ୍ଭା ୨ ଓ ଚିଲିକାରେ ୧ଟି କ୍ୟାମ୍ପ ପାଇଁ ବ୍ୟବସ୍ଥା ହୋଇଛି। ଭ୍ରାମ୍ୟମାଣ ସ୍କ୍ୱାଡ ଦଳ ବାଲୁଗାଁଠାରୁ ଟାଙ୍ଗୀ ମଧରେ ସ୍ଥଳଭାଗରେ ବିଭିନ୍ନ ଢାବା ଓ ହୋଟେଲ ଆଦି ଅଞ୍ଚଳରେ ଚଢ଼ାଉ କରିବେ। ଜଳପଥରେ ପ୍ରତ୍ୟେକ କ୍ୟାମ୍ପରେ ଗୋଟିଏ ଲେଖାଏ ଯନ୍ତ୍ରଚାଳିତ ବୋଟ୍ ସମେତ ଜଣେ ବନପାଳ କିମ୍ବା ବନରକ୍ଷୀ ଏବଂ ଚିଲିକା ତଟବର୍ତ୍ତୀ ଗ୍ରାମ ପକ୍ଷୀ ସୁରକ୍ଷା ମଞ୍ଚର ୩ଜଣ ଲେଖାଏ ସଦସ୍ୟ ସାମିଲ ହୋଇଛନ୍ତି। ଏଥିସହ ଚିଲିକା ତଟବର୍ତ୍ତୀ ଗ୍ରାମରେ ପକ୍ଷୀ ସୁରକ୍ଷା ସମ୍ପର୍କିତ ସଚେତନମୂଳକ କାର୍ଯ୍ୟକ୍ରମ କରାଯିବ। ଗତବର୍ଷ ପକ୍ଷୀ ଶିକାର ଘଟଣାରେ ୭ଟି ମାମଲା ରୁଜୁ କରାଯାଇ ୧୫ଜଣଙ୍କୁ ଗିରଫ ସହ ୫୦ରୁ ଉର୍ଦ୍ଧ୍ୱ ମୃତ ପକ୍ଷୀ ଜବତ ହୋଇଥିଲା। ତେବେ ଗତବର୍ଷ ବିଭାଗୀୟ ଗଣନା ଅନୁଯାୟୀ ସମଗ୍ର ଚିଲିକାକୁ ୧୯୦ ପ୍ରଜାତିର ମୋଟ ୧୨ଲକ୍ଷ ୪୨ହଜାର ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ପାଗ ଅନୁକୂଳ ଥିବାବେଳେ ଆଗକୁ ଶୀତ ବଢ଼ିଲେ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଏସିଏଫ୍ ଶରତ ଚନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି।

# କାଠଯୋଡ଼ିରୁ ଯୁବକଙ୍କ ମୃତଦେହ ଜବତ

କଟକ ଅଫିସ,୨୦।୧୦

କଟକ ସଦର ଥାନା ଅଧୀନ କାଠଯୋଡି ନଦୀରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଭୁବନେଶ୍ୱର ଖାରବେଳ ନଗର ୟୁନିଟ୍-୩ ଅଞ୍ଚଳର ସପନ ବେହେରା(୩୧)। ପୋଲିସ ସୂଚନା ଅନୁଯାୟୀ, ସପନ ଏକ ଘରୋଇ କୋରିୟର କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ମଙ୍ଗଳବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ କଟକ ସ୍କୁଟି(ଓଆର୦୨ବିଆର-୭୯୫୬)ରେ ଯାଉଥିଲେ। କାଠଯୋଡି ପୋଲ ଉପରେ ସ୍କୁଟି ରଖି ହଠାତ୍ ନଦୀକୁ ଡେଇଁ ପଡ଼ିଥିଲେ। ବୁଧବାର ସକାଳେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ୍ ସହାୟତାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇଥିଲା। ଏନେଇ କଟକ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସପନଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଆର୍ଥିକ ସମସ୍ୟା ଯୋଗୁ ସେ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି ବୋଲି ପରିବାର ଲୋକେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।



ମମିତା ମେହେରଙ୍କ ପରିବାରକୁ ନ୍ୟାୟ ଦାବିରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ଗୃହରାଷ୍ଟ୍ରମନ୍ତ୍ରୀଙ୍କ ଗିରଫ ଓ ଇସ୍ତଫା ଦାବିରେ ପୁରୀ ଭାଜପା ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ଧାରଣା।



ବିଦ୍ୟୁତ୍ ଦର ବୃଦ୍ଧି ପ୍ରତ୍ୟାହାର ଓ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ଗିରଫ ଦାବିରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ।